୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.195 Bhubaneswar Tuesday September 10 2024 | ୨୬ତମ ବର୍ଷ ସଂଖ୍ୟା-୧୯୫ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଭାରତରେ ମଙ୍କିପକ୍ସ ଆକ୍ରାନ୍ତ, ସନ୍ଦିଗ୍ଧ ଯୁବକଙ୍କ ରିପୋର୍ଟ ପଜିଟିଭ୍

ଭୁବନେଶ୍ୱର,୯।୯(ପି.ଏନ): ଭାରତରେ ପ୍ରବେଶ କରିଛି ମଙ୍କିପକ୍ସ ଭୂତାଣୁ। ଜଣେ ଯୁବକ ଏହି ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ଯୁବକ ଜଣଙ୍କ ମଙ୍କିପକ୍ସ ଚିହ୍ନଟ ହୋଇଥିବା ପଶ୍ଚିମ ଆଫ୍ରିକା ଦେଶରୁ ଆସିଥିଲେ। ସେ ମଙ୍କିପକ୍ସରେ ଆକ୍ରାନ୍ତ ଥିବା ପୂର୍ବରୁ ସନ୍ଦେହ କରାଯାଉଥିଲା। ତାଙ୍କୁ ଏକାନ୍ତବାସରେ ରଖାଯିବା ସହ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଏବେ ତାଙ୍କ ରିପୋର୍ଟ ପିଜିଟିଭ ଆସିଛି।ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିଥିବା ମାରାତ୍ମାକ କ୍ଲେଡ ୧ରେ ଯୁବକ ଜଣଙ୍କ ଆକ୍ରାନ୍ତ ହୋଇନାହାନ୍ତି। ସେ କ୍ଲେଡ ୨ ଜନିତ ମଙ୍କିପକ୍ସ ଷ୍ଟ୍ରେନରେ ସଂକ୍ରମିତ ହୋଇଛନ୍ତି।




### ଇସ୍କନ ଭକ୍ତ ହେବେ ଡାକ୍ତର

ଭୁବନେଶ୍ୱର,୯।୯(ପି.ଏନ): ଇସ୍କନ ଭକ୍ତ ହେବେ ଡାକ୍ତର । ମାଆଙ୍କ ସ୍ୱପ୍ନକୁ ପୂରଣ କରିବେ ପୁଅ। ନିଟ୍ ୟୁଜି ପରୀକ୍ଷାରେ ପ୍ରଥମ ଉଦ୍ୟମରେ ମିଳିଛି ସଫଳତା । ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ମାରପଲ୍ଲୀ ଗ୍ରାମର ୧୭ ବର୍ଷର ଆରିୟନ ସାହୁ । ସର୍ବଭାରତୀୟ ୫ ହଜାର ରାଙ୍କରେ ଥିବା ବେଳେ ଓଡିଶାରେ ୧୨୯ ରାଙ୍କ ରହିଛି । କଟକ ଏସସିବି ମେଡିକାଲ କଲେଜରେ ନାମ ଲେଖାଇଛନ୍ତି ଆରିୟନ ସାହୁ । ଡାକ୍ତରୀ ପାଠ ପଢା ସରିଲା ପରେ ହୃଦରୋଗ ବିଶେଷଜ୍ଞ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ବେଳେ ଇସ୍କନ ଭକ୍ତ ବନିଯାଇଥିଲେ । ପରେ ଯୁକ୍ତ ଦୁଇ ରାଜସ୍ଥାନ କୋଟାରେ ପଢିବା ସହିତ କୋଚିଂ ନେଉଥିଲେ। ଦିନକୁ ଏକ ଘଣ୍ଟା ଜପ କରୁଥିଲେ । ଫଳତା ପଛରେ ଆଧ୍ୟାତ୍ମିକ ବଡ ବାଟ ବୋଲି କହିଛନ୍ତି ଆରିୟନ ।

### ରାମେଶ୍ୱରମ କାଫେ ବିସ୍ଫୋରଣ: ଟାର୍ଗେଟରେ ଥିଲା ବିଜେପି ଅଫିସ

ଭୁବନେଶ୍ୱର,୯।୯(ପି.ଏନ): କର୍ଣ୍ଣାଟକାର ରାମେଶ୍ୱରମ କାଫେ ବିସ୍ଫୋରଣ ଘଟଣାର ଅଭିଯୁକ୍ତ ମାନଙ୍କ ଟାର୍ଗେଟରେ ଥିଲା ବିଜେପି ଅଫିସ। ଚଳିତ ବର୍ଷ ଜାନୁଆରୀ ୨୨ ଅର୍ଥାତ ଅଯୋଧ୍ୟା ରାମ ମନ୍ଦିର ଉଦଘାଟନ ଦିନ ବେଙ୍ଗାଲୁରୁ ସ୍ଥିତ ବିଜେପି ଅଫିସରେ ବିସ୍ଫୋରଣ କରିବାକୁ ସେମାନେ ଯୋଜନା କରିଥିଲେ।ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଏଆଇ। ସଂସ୍ଥା ପକ୍ଷରୁ ରାମେଶ୍ୱରମ କାଫେ ବିସ୍ଫୋରଣ ଘଟଣାରେ ଚାର୍ଜଶିଟ ଦାଖଲ କରାଯାଇଛି। ଚାର୍ଜଶିଟରେ ଏପରି ସାଂଘାତିକ ତଥ୍ୟ ରହିଛି। ସୋମବାର ରାମେଶ୍ୱରମ କାଫେ ବିସ୍ଫୋରଣ ଘଟଣାରେ ଏନଆଇଏ ୪ ଅଭିଯୁକ୍ତ – ମୁସାବୀର ହୁସେନ ଶାଜିବ, ଅବଦୁଲ ମାଥୀନ ଅହମଦ ତାହା, ମାଜ ମୁନୀର ଅହମଦ ଓ ମୁଜାମିଲ ଶରିଫ ନାଁରେ ଚାର୍ଜଶିଟ ଦାଏର କରିଛି।

## ଅବସର ପରେ ନୂଆ ଦାୟିତ୍ୱ ନେଲେ ରାଜେଶ ବର୍ମା

ଭୁବନେଶ୍ୱର,୯।୯(ପି.ଏନ): ଓଡିଶା କ୍ୟାଡରର ୧୯୮୭ ବ୍ୟାଚ୍ ଆଇଏଏସ୍ ରାଜେଶ ବର୍ମା ଆଜି କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଂଟ (ସିଏକ୍ୟୁଏମ) ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ସଚିବ ଭାବେ ସେ ଅଗଷ୍ଟ ୩୧ ତାରିଖରେ ସରକାରୀ ଚାକିରିରୁ ଅବସର ନେଇଥିଲେ।ସୂଚନା ଅନୁସାରେ, ଶ୍ରୀ ବର୍ମା ନ୍ୟାସନାଲ କ୍ୟାପିଟାଲ ରିଜନ(ଏନସିଆର) ଓ ତା'ର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏୟାର କ୍ୱାଲିଟି ମ୍ୟାନେଜମେଂଟ କମିଶନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ ଦିନଠୁ ୩ବର୍ଷ ପାଇଁ କାର୍ଯ୍ୟ କରିବେ । ଦୀର୍ଘ ସାଢ଼େ ୩ ଦଶନ୍ଧି ଧରି ସେ ଆଇଏଏସ୍ ଅଫିସର ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ ବିଭିନ୍ନ ପ୍ରଶାସନିକ ପଦପଦବୀରେ କାର୍ଯ୍ୟ କରିଛନ୍ତି । ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ବର୍ମା। ତାଙ୍କର ସଚିବ ଦାୟିତ୍ୱ ତୁଲାଇଥିଲେ ।



## ଚନ୍ଦ୍ରପୃଷ୍ଠରେ ହେବ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ

ଭୁବନେଶ୍ୱର,୯।୯(ପି.ଏନ): ଚନ୍ଦ୍ରପୃଷ୍ଠରେ ହେବ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ। ଶକ୍ତିଶାଳୀ ରୁଷ ଏହି ପରମାଣୁ ଶକ୍ତି ପ୍ରକଳ୍ପ ନିର୍ମାଣ କରିବାକୁ ଯାଉଛି। ଆଉ ଏହି ପ୍ରକଳ୍ପରେ ଋଷ ସହ ହାତ ମିଳାଇବବାକୁ ପ୍ରସ୍ତୁତ ରହିଛି ଭାରତ। ଭାରତ ଋଷର ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଉପରେ ଅନେକ ଆଗ୍ରହ ପ୍ରକାଶ କରିଛି। ଋଷର ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଚନ୍ଦ୍ରପୃଷ୍ଠରେ ନିର୍ମାଣ ହେବାକୁ ଥିବା ଷ୍ଟେସନରେ ଆବଶ୍ୟକ ବିଦ୍ୟୁତ ଶକ୍ତି ପୂରଣ କରିବା। ଋଷ, ଭାରତ ସହ ପଡୋଶୀ ଚୀନ ମଧ୍ୟ ଏହି ପ୍ରକଳ୍ପରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛି। ଋଷର ସରକାରୀ ପରମାଣୁ ନିଗମ ରୋସାଟମ ଏହି ପ୍ରକଳ୍ପର ନେତୃତ୍ୱ ନେଇଛି। ଚନ୍ଦ୍ରପୃଷ୍ଠରେ ହେବାକୁ ଥିବା ଏହି ପରମାଣୁ ଶକ୍ତି ପ୍ରକଳ୍ପରୁ ଅଧା ମେଗାୱାଟ ବିଜୁଳି ଉତ୍ପାଦନ ହେବ। ଚନ୍ଦ୍ରପୃଷ୍ଠରେ ହେବାକୁ ଥିବା ବେସକୁ ଏହି ପ୍ରକଳ୍ପରୁ ବିଦ୍ୟୁତ ସଂଯୋଗ କରାଯିବ। ଆସନ୍ତା ୨୦୩୬ ସୁଦ୍ଧା ପ୍ରସ୍ତୁତ ହୋଇଯିବ ଏହି ପ୍ରକଳ୍ପ। ପ୍ରକଳ୍ପ ପ୍ରତି ଭାରତ ଓ ଚୀନ ଆଗ୍ରହ ପ୍ରକାଶ କରିଥିବା ଋଷର ପରମାଣୁ ଶକ୍ତି ପ୍ରକଳ୍ପ ସଂସ୍ଥା ରୋସାଟମ ସୂଚନା ଦେଇଛି। ଚନ୍ଦ୍ରପୃଷ୍ଠରେ ପରମାଣୁ ଶକ୍ତି ପ୍ରକଳ୍ପ ନିର୍ମାଣ କାମ ଚାଲିଛି ବୋଲି ଘୋଷଣା କରିଛି ଋଷର ମହାକାଶ ଗବେଷଣା ସଂସ୍ଥା ରୋସ୍କସ୍ମୋସ। ଋଷ ଏବଂ ଚୀନ ମିଳିତ ଭାବେ ଏହି ଯୋଜନାରେ ସାମିଲ ହୋଇଥିବା କହିଛି। ଏହି ପ୍ରକଳ୍ପ ଦ୍ୱାରା ଭାରତର ଅନେକ ଲାଭ ହେବ। ଆସନ୍ତା ୨୦୪୦ ସୁଦ୍ଧା ଭାରତ ଚନ୍ଦ୍ରପୃଷ୍ଠକୁ ମଣିଷକୁ ପଠାଇବାକୁ ଯୋଜନା କରିଛି। ଏହାଦ୍ୱାରା ଏହି ପ୍ରକଳ୍ପରୁ ସେଠାରେ ଆବଶ୍ୟକ ହେଉଥିବା ଶକ୍ତିର ଆବଶ୍ୟକତା ପୂରଣ କରିବ। ୨୦୨୧ରେ ଋଷ ଏବଂ ଚୀନ ମିଳିତ ଭାବେ ଅନ୍ତରାଷ୍ଟ୍ରୀୟ ଚନ୍ଦ୍ର ଅନୁସଂଧାନ ଷ୍ଟେସନ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ୨୦୩୫ରୁ ୨୦୪୫ ମଧ୍ୟରେ କେତେବେଳେ ବି ଆରମ୍ଭ ହେବା ସମ୍ଭାବନା ରହିଛି। ଏହି ଷ୍ଟେସନର ଉଦ୍ଦେଶ୍ୟ ବୈଜ୍ଞାନିକ ଗବେଷଣା ଲାଗି ବ୍ୟବହାର କରିବାକୁ ରହିଛି। ଅଧିକାଂଶ ଦେଶ ଏହି ଷ୍ଟେସନର ବ୍ୟବହାର କରିପାରିବେ। ତେବେ ଆମେରିକା ସହ ଅନ୍ୟ କିଛି ଦେଶରୁ ଏହି ଷ୍ଟେସନର ଲାଭ ମିଳିନପାରେ। ଋଷର ସହଯୋଗୀ ହିସାବରେ ଭାରତ ଏହି ପ୍ରକଳ୍ପରୁ ଲାଭ ଉଠାଇବା ସମ୍ଭାବନା ରହିଛି। ଭାରତ ମଧ୍ୟ ୨୦୫୦ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ବେସ୍ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି ।

## କ୍ୟାନସର ମେଡିସନରୁ ଜିଏସଟି ହ୍ରାସ, ସ୍ୱାସ୍ଥ୍ୟ ବୀମା ପାଇଁ ଗଠନ ହେଲା ଜିଏମଓ

ଭୁବନେଶ୍ୱର,୯।୯(ପି.ଏନ): କ୍ୟାନସରର ଭଳି ମାରାତ୍ମକ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ମେଡିସନ ଉପରେ ଜିଏସ୍‌ଟି ହ୍ରାସ କରିଛନ୍ତି କେନ୍ଦ୍ର ସରକାର। ପୂର୍ବରୁ ବିଭିନ୍ନ ପ୍ରକାରର କ୍ୟାନସର ଔଷଧ ଉପରେ ୧୨% ଜିଏସଟି ଲାଗୁ ହେଉଥିଲା। କିନ୍ତୁ ଏବେ ସେଗୁଡିକ ଉପରେ ୫% ଜିଏସଟି ଲାଗିବ ବୋଲି ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୂଚନା ଦେଇଛନ୍ତି।ଆଜି ତାଙ୍କ ଅଧ୍ୟକ୍ଷତାରେ ୫୪ତମ ଜିଏସଟି ପରିଷଦ ବୈଠକ ବସିଥିଲା। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ ସୀତାରମଣ ସୂଚନା ଦେଇଛନ୍ତି।କ୍ୟାନସର ଔଷଧ ବ୍ୟତୀତ ନମକୀନ ଓ ସ୍ନାଇସୀ ଖାଦ୍ୟ ସାମଗ୍ରୀ ଉପରୁ ମଧ୍ୟ ଜିଏସଟି ହ୍ରାସ କରାଯାଇଛି। ମିଠା ଜାତୀୟ ଖାଦ୍ୟକୁ ଛାଡି ବାକି ସାମଗ୍ରୀ ଉପରେ ଲାଗୁ ହେଉଥିବା ୧୮% ଜିଏସଟିକୁ ୧୨%କୁ ହ୍ରାସ କରାଯାଇଛି। ତେବେ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମା ଉପରେ ଲାଗୁ ହେଉଥିବା ୧୮% ଜିଏସ୍‌ଟିକୁ ହ୍ରାସ କରିବା ପାଇଁ ହେଉଥିବା ଦାବି ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।




## ମନମ୍ ଫାଉଣ୍ଡେସନ ଦ୍ୱାରା ବିଶ୍ୱ ଆତ୍ମ ହତ୍ୟା ନିବାରଣ ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ) ସ୍ୱର୍ଣ୍ଣପ୍ରଭା / ପ୍ରିୟବ୍ରତ,୯।୯: ମନମ୍ ଫାଉଣ୍ଡେସନ ହେଉଛି ଏକ ଅଣ-ଲାଭ ସଂଗଠନ ଯାହା ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା, ସଚେତନତା, ଶିକ୍ଷା, ଏବଂ ତାଲିମ କ୍ଷେତ୍ରରେ କାର୍ଯ୍ୟ କରୁଛି। ଆତ୍ମହତ୍ୟା ନିବାରଣ ଦିବସ ୨୦୨୪ ପାଇଁ ଏହାର ଅଭିଯାନର ଏକ ଅଂଶ ଭାବରେ ଥିମ ଆତ୍ମହତ୍ୟା ଉପରେ କାହାଣୀକୁ ପରିବର୍ତ୍ତନ କରିଭବା ଏବଂ ବାର୍ତ୍ତାଳାପ ଆରମ୍ଭ କରିବାଧ । ୩୧ ଅଗଷ୍ଟ ୨୦୨୪ ରେ ପୋଲିସ୍ କମିଶନର୍ ହଲରେ ଏକ ସେମିନାର୍ କର୍ମଶାଳା କରାଯାଇଥିଲା, ଅଂଶଗ୍ରହଣକାରୀମାନେ ବିଭିନ୍ନ ଗୋଷ୍ଠୀର ଥିଲେ- ବିଦ୍ୟାଳୟର ଶିକ୍ଷକ, ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରାମର୍ଶଦାତା, ଓଡିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାକରଣ [OSEPA] ପରାମର୍ଶଦାତା, ବିଜେବି କଲେଜ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ୱଦେଶୀ ପ୍ରତିନିଧୀ, ଖଏଇଞ୍ଚଛ, ଅଗ୍ନିଶମ ଏବଂ ପୋଲିସ ବିଭାଗର କର୍ମଚାରୀ, ଅଙ୍ଗନବାଡି କର୍ମୀ, SHG ଗୋଷ୍ଠୀ, ବିଭିନ୍ନ ପୁନର୍ବାସ କେନ୍ଦ୍ରର ବ୍ୟକ୍ତି ଥଡୀ ଆଡିକ୍ସନଧ, ଗୃହ ନିର୍ମାତା ଏବଂ ଡାକ୍ତର ଉପସ୍ଥିତ ଥିଲେ । ଗୋଷ୍ଠୀମାନେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଆତ୍ମହତ୍ୟା ଏବଂ ଆତ୍ମହତ୍ୟା ରୋକିବା ପ୍ରସଙ୍ଗରେ ଭୂମିକା ନିର୍ବାହ କରିଥିଲେ ଏବଂ ମୂଲ୍ୟବାନ ଉପସ୍ଥାପନା କରିଥିଲେ । ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମାନସିକ ସ୍ୱାସ୍ଥ୍ୟର କାରଣ ଏବଂ ପରିଣାମ ଉପରେ ଆମ ସମାଜରେ ଏକ କଳଙ୍କ ପରି ଦେଖାଯାଉଥିବା ଅନୁଭୂତି ବାଣ୍ଟିଥିଲେ । ନିଜ ବିଭାଗ ଏବଂ କାର୍ଯ୍ୟ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାର ଆବଶ୍ୟକ ?ତା ଉପରେ ଏକ ସାମୂହିକ ଧାରଣା / ବୁଝାବଣା ଏବଂ ଆତ୍ମହତ୍ୟା ରୋକିବା ବିଷୟରେ ବାର୍ତ୍ତାଳାପ ହୋଇଥିଲା ଏବଂ ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମହତ୍ୟା ନିବାରଣ କୁ ଭିତ୍ତି କରି ଇକ୍ସକ୍ଟବୟଙ୍ଗବଛ ଝଗ୍ସଙ୍କୟସକ୍ଟ ଦ୍ୱାରା ଏକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।ସେପ୍ଟେମ୍ବର ୨୦୨୪ ରେ ଭଞ୍ଜ କଳା ମଣ୍ଡପରେ ଏହି କର୍ମଶାଳା ଶେଷ କରାଯାଇଥିଲା ଯେଉଁଠାରେ ପୋଲିସ କମିଶନର ଶ୍ରୀ ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ ଶ୍ରୀମତୀ ମାଳା ମିଶ୍ର-ପ୍ରୋ-ଚେୟାରମ୍ୟାନ୍ ଡିପିଏସ୍ କଳିଙ୍ଗ, ଡକ୍ଟର ଅମୃତ ପାଟୋଜୋଶୀ, ମାନ୍ୟବର ସଚିବ ଭାରତୀୟ ମାନସିକ ରୋଗ ସମାଜ, ଡକ୍ଟର ଶ୍ରୀଧର ମୁରଲୀଧର ଓ କଦମ୍ -ନିର୍ଦ୍ଦେଶକ ଆଇଆଇପିଏଚ୍, ଡକ୍ଟର ଅମ୍ବିକା ପ୍ରସାଦ ନନ୍ଦ-ସିଏସଆର ହେଡ ଟାଟା ଷ୍ଟିଲ ଆତ୍ମହତ୍ୟା ରୋକିବା ପାଇଁ ନିଜ ନିଜର ବହୁମୂଲ୍ୟ ମତାମତ ଦେଇଥିଲେ । ମନମ୍ ଫାଉଣ୍ଡେସନର ନିର୍ଦ୍ଦେଶିକା ଡ. ଅନୁରାଧା ମହାପାତ୍ର ସଭାପତିତ୍ୱ କରିଥିଲେ ଏବଂ ଟ୍ରଷ୍ଟି ସଦସ୍ୟା ସୁଶ୍ରୀ ସୌମ୍ୟା ସୁଚରିତା ମହାପାତ୍ର ସେମିନାର ଏବଂ ଇଭେଣ୍ଟର ସମ୍ପାଦନା କରିଥିଲେ।

### କେନ୍ଦ୍ରାପଡା ପଞ୍ଚାୟତ ସମିତିକୁ ସୁପରିଚାଳିତ କରିବାକୁ ବିଜେଡିର ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୯।୯: କେନ୍ଦ୍ରାପଡା ପଞ୍ଚାୟତ ସମିତି ଜିଲ୍ଲାରେ ଏକ ସଚେତନ ପଞ୍ଚାୟତ ସମିତି। ଏହା କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମା ପଞ୍ଚାୟତ ସମିତି ହୋଇଥିବା ବେଳେ ଯେପରି ବିକାଶ ହେବା କଥା ତାହା ହୋଇନାହିଁ। ଜନ ପ୍ରତିନିଧିଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସୁସମ୍ପର୍କ ବା ସମନ୍ୱୟ ରହୁନାହିଁ ଜନପ୍ରତିନିଧିଙ୍କ ଅଗୋଚରରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହୋଇଆସୁଛି।

## ପାର୍ବଣ ଋତୁରେ ଅପରାଧୀଙ୍କୁ ଧରିବାକୁ କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ

ଭୁବନେଶ୍ୱର,୯।୯(ପି.ଏନ): ପାର୍ବଣ ଋତୁରେ ଅପରାଧୀଙ୍କୁ ଧରିବାକୁ କମିଶନରେଟ ପୋଲିସର ସ୍ପ ?ଶାଲ ଡ୍ରାଇଭ । ଭୁବନେଶ୍ୱରରେ ବିଭିନ୍ନ ଗଣେଶ ପୂଜା ପେଣ୍ଡାଲ ଗୁଡ଼ିକୁ ବାଇକ୍ ପେଟ୍ରୋଲିଂ କରି ତାଗିଦ୍ କରିଛି କମିଶନରେଟ ପୋଲିସ। ନିୟମ ଅନୁଯାୟୀ ପୂଜା କରାଯାଉଛି କି ନାହିଁ ତଦାରଖ କରିବା ସହ ବିଭିନ୍ନ ଖଟି ସ୍ଥାନ ଓ ଖୋଲା ସ୍ଥାନରେ ମଦ୍ୟପାନକୁ ଜଗୁଛି ପୋଲିସ। ଏଥିପାଇଁ ଦୁଇଟି ଥାନାକୁ ମିଶାଇ ଗୋଟିଏ ଟିମ୍ କରାଯାଇଛି । ଟିମ୍‌ରେ ୧୦ ଟି ବାଇକ୍‌ରେ ୨୦ ଜଣ ପୋଲିସ କର୍ମଚାରୀ ସାମିଲ ଅଛନ୍ତି । ଭସାଣି, ମେଲୋଡି ଯେମିତି ଶୃଙ୍ଖଳିତ ଭାବେ ହେବ ସେଥିପ୍ରତି ନଜର ରଖିବାକୁ ଏହି ଅଭିଯାନ ଆରମ୍ଭ ହୋଇଛି।



## ଆଗାମୀ ୩ ଘଣ୍ଟାରେ ପ୍ରବଳ ବର୍ଷିବ, ସତର୍କ କଲା ଆଞ୍ଚଳିକ ପାଣିପାଗ ବିଭାଗ

ଭୁବନେଶ୍ୱର,୯।୯(ପି.ଏନ): ଦେଶ ତଥା ରାଜ୍ୟରେ ଜାରି ରହିଛି ବର୍ଷା। ତେବେ ଆଗାମୀ ୩ ଘଣ୍ଟାରେ ପ୍ରବଳ ବର୍ଷା ନେଇ ଚେତାବନୀ ଦେଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର। ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଥିବା ବେଳେ ୧୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସୂଚନା ଅନୁଯାୟୀ, ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ସୁବର୍ଣ୍ଣପୁର, କଳାହାଣ୍ଡି, ବଲାଙ୍ଗୀର ଓ ଗଜପତି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କନ୍ଧମାଳ, ନୂଆପଡା, ବରଗଡ, ବାଲେଶ୍ୱର, ଯାଜପୁର, ଅନୁଗୁଳ, ଗଞ୍ଜାମ, କେନ୍ଦୁଝର, ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ଭଦ୍ରକ ଏବଂ ନୟାଗଡ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମସ୍ତ ଜିଲ୍ଲାକୁ ଚେତାବନୀ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।



## କ୍ୟାପିଟାଲ୍ ହସ୍ପିଟାଲରେ ଡାକ୍ତର ମରୁଡି; ଖାଲି ପଡିଛି ୬୪ ପଦବୀ

ଭୁବନେଶ୍ୱର,୯।୯(ପି.ଏନ): ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସର୍ବ ବୃହତ ସରକାରୀ ହସ୍ପିଟାଲରେ ଡାକ୍ତର ଓ ମେଡିକାଲ୍ ଷ୍ଟାଫ୍ ମରୁଡି। ଦୁଇ ବର୍ଷରେ ଏଠି ଦୁଇଗୁଣା ହୋଇଛି ରୋଗୀ ସଂଖ୍ୟା। ହେଲେ ଖସିଛି ଡାକ୍ତର ଓ ନର୍ସଙ୍କ ସଂଖ୍ୟା। ହସ୍ପିଟାଲର ୬୪ଟି ଡାକ୍ତରୀ ପଦବୀ ଖାଲି ପଡିଥିବା ବେଳେ ୧୪ ଜଣ ଡାକ୍ତର ଠିକାରେ କାମ କରୁଛନ୍ତି। ସେହିପରି ରୋଗୀସେବାରେ ପ୍ରମୁଖ ଭୂମିକା ନେଉଥିବା ୫୩ ନର୍ସିଂ ଅଫିସର ପୋଷ୍ଟ ମଧ୍ୟ ଫାଙ୍କା ପଡିଛି। ଯାହାଫଳରେ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥାପିତ ତଥ୍ୟରୁ ଜଣାପଡିଛି, ଏଠି ପଡିଛି ଡାକ୍ତର ମରୁଡି। ରହିବା କଥା ୧୭୫ ଡାକ୍ତର। କିନ୍ତୁ ଅଛନ୍ତି ମାତ୍ର ୧୧୧। ୬୪ ଜଣ ଅର୍ଥାତ୍ ୩୭ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ପୂରଣ ହୋଇଥିବା ୧୧୧ ପଦବୀରୁ ୯୭ ନିୟମିତ ହୋଇଥିବା ବେଳେ ୧୪ ଜଣ ଠିକାରେ କାମ କରୁଛନ୍ତି। ନର୍ସିଂ ଅଫିସର କ୍ଷେତ୍ରରେ ମଧ୍ୟ ସେଇ ସମାନ ସ୍ଥିତି। ୨୧୪ ପଦବୀ ରହିଥିଲେ ମଧ୍ୟ ଫାଙ୍କା ପଡିଛି ୫୩ଟି ପୋଷ୍ଟ। ମାସ ମାସ ହେଲା, କ୍ୟାପିଟାଲ ହସ୍ପିଟାଲର ଏମିତି ଦୁରବସ୍ଥା। ଏଠାରେ ୭୫୦ ବେଡ୍ ରହିଥିବା ବେଳେ ପ୍ରତିଦିନ ହାରାହାରି ୩୫୨ ରୋଗୀ ଆଡମିଶନ୍ ହେଉଛନ୍ତି। ଖାଲି ସେତିକି ନୁହେଁ, ରାଜଧାନୀ ସମେତ ପୁରୀ, ଖୋର୍ଦ୍ଧା, ନୟାଗଡ ଆଦି ଜିଲ୍ଲାରୁ ପ୍ରତିଦିନ ହାରାହାରି ୫ ହଜାର ୪୬୩ ରୋଗୀ କ୍ୟାପିଟାଲ ହସ୍ପିଟାଲ ଓପିଡିକୁ ଆସୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ନଥିବାରୁ ତା'ର ସିଧାସଳଖ ପ୍ରଭାବ ପଡୁଛି ରୋଗୀ ସେବା ଉପରେ।




## ଏସସିବିରେ ଦ୍ୱିତୀୟ ଥର ପାଇଁ ହେଲା ଲିଭର ପ୍ରତିରୋପଣ

ଭୁବନେଶ୍ୱର,୯।୯(ପି.ଏନ): କଟକ ଏସସିବି ବଡ ମେଡିକାଲରେ ଦ୍ୱିତୀୟ ଥର ପାଇଁ ହେଲା ଲିଭର ପ୍ରତିରୋପଣ। ହାଇଦ୍ରାବାଦର ଡାକ୍ତରୀ ଦଳ ସହ ଏସସିବି ଡାକ୍ତରଙ୍କ ମିଳିତ ଟିମ୍ ଏହି ବିରଳ ଅସ୍ତ୍ର ?ପଚାର କରିଛନ୍ତି। ଏସସିବି ମେଡିକାଲର ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗ ପାଇଁ ଆଜି ଐତିହାସିକ ଦିନ। ଲିଭର ପ୍ରତିମରୋପଣ ପ୍ରଥମ ଅସ୍ତ୍ର ?ପଚାର ସଫଳ ହୋଇଥିବା ବେଳେ ଆଜି କରାଯାଇଛି ଦ୍ୱିତୀୟ ପ୍ରତିରୋପଣ। ନୟାଗଡର ମାନସ କୁମାର ମୁଦୁଲିଙ୍କ ଯକୃତ ପ୍ରତିରୋପଣ କରାଯାଇଛି। ହାଇଦ୍ରାବାଦରୁ ଆସିଥିବା ଡାକ୍ତର ବାଲକ୍ରିଷ୍ଣନ ମେନନ ଓ ସନ୍ତୋଷ ସାହୁଙ୍କ ସମେତ ୯ ଜଣିଆ ଡାକ୍ତରୀ ଦଳ ଏସସିବି ମେଡିକାଲର ଡାକ୍ତର ରାଜେଶ କୁମାର ଦୋରାଙ୍କ ନେତୃତ୍ୱରେ ଏହି ବିରଳ ଅପରେସନ କରିଥିଲେ। ବିଶେଷଜ୍ଞ ଏନେଇ ଖୁସି ପ୍ରକଟ କରିବା ସହିତ ଏଥି ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଲିଭର ଖରାପ ହେବାର ୨୦ରୁ ଅଧିକ କାରଣ ରହିଛି। ଅଧିକ ପରିମାଣର ଜ୍ୱର ଔଷଧ ଏକା ସଙ୍ଗେ ସେବନ, ହେପାଟାଇଟିସ ର ରେ ପୀଡିତ ଗର୍ଭବତୀ ମହିଳାଙ୍କ ନିୟମିତ ଅତ୍ୟଧିକ ମଦ ସେବନ, ଜଙ୍କ ଫୁଡ ସେବନ ଆଦିରେ ନଷ୍ଟ ହୁଏ ଲିଭର। ତେବେ ଯୁବାବସ୍ଥାରେ ନିଶା ସେବନ ଦ୍ୱାରା ଅଧିକ ସଂଖ୍ୟାରେ ଏହି ରୋଗ ଦେଖାଯାଉଥିବା କହିଛନ୍ତି ବିଶେଷଜ୍ଞ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୱୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୧୦

# ହେ ଗୁରୁ ତୁମେ....

ଭାରତର ଗୁରୁ ଶିଷ୍ୟ ପରମ୍ପରା ମହାନ। ସମାଜରେ ଗୁରୁଙ୍କ ସ୍ଥାନ ସବୁଠାରୁ ସ୍ୱତନ୍ତ୍ର ଓ ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ। ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ଆଚାର୍ଯ୍ୟ ଦେବୋ ଭବଃ' ବୋଲି ସମ୍ବୋଧନ କରାଯାଇ ଅସୀମ ଶ୍ରଦ୍ଧା ପ୍ରଦର୍ଶନ କରାଯାଏ। ଗୁରୁ ହିଁ ଶିକ୍ଷ୍ୟର ମୂଳଦୁଆ ସ୍ଥାପନର ଭିତ୍ତିଭୂମି। ବିଭିନ୍ନ ଶାସ୍ତ୍ର ପୁରାଣରେ ଗୁରୁଙ୍କୁ ଶ୍ରେଷ୍ଠତା ପ୍ରତିପାଦନ କରାଯାଇ କୁହାଯାଇଛି 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ'। ଅର୍ଥାତ୍ ଜଗତର ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ମହେଶ୍ୱରଙ୍କର ସମଗ୍ର ଶକ୍ତି ହିଁ ଏକମାତ୍ର ଗୁରୁଙ୍କ ଉପରେ ପୁଞ୍ଜିଭୂତ ହୋଇ ରହିଛି। ଏହି ତ୍ରିଶକ୍ତିର ଅଧିକାରୀ ଗୁରୁଙ୍କୁ ମୁଁ ପ୍ରଣାମ କରୁଛି। କୁହାଯାଇଛି – ଗୁରୁଙ୍କୁ ନମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର। ଆଦର୍ଶ ଗୁରୁ ଓ ସଫଳ ଜନନାୟକ ଭାବରେ ସର୍ବପଲ୍ଲୀ ରାଧାକୃଷ୍ଣନ୍ ଭାରତବର୍ଷ ପାଇଁ ଅବିସ୍ମରଣୀୟ। ଅସାଧାରଣ ପାଣ୍ଡିତ୍ୟ, କର୍ତ୍ତବ୍ୟନିଷ୍ଠ, ନିସ୍ୱାର୍ଥପର ଜନସେବା, ମାନବିକତା ଯୋଗୁଁ ରାଧାକୃଷ୍ଣନଙ୍କୁ ଭାରତର ଶ୍ରେଷ୍ଠ ଜାତୀୟ ସମ୍ମାନ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ଜଣେ ଆଦର୍ଶ ଛାତ୍ରବତ୍ସଳ ଗୁରୁଙ୍କ ଜନ୍ମତିଥିକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଗୁରୁ ଦିବସ ପାଳନ ରବିବାର ଭାରତୀୟ ଗୁରୁ ପରମ୍ପରାର ମହାନ ନିଦର୍ଶନ। ପ୍ରତ୍ୟେକ ବ୍ୟକ୍ତିଙ୍କର ପିତାମାତା ହେଉଛନ୍ତି ଜୀବନର ପ୍ରଥମ ଗୁରୁ। ଏମାନଙ୍କ ପରେ ଆମେ ଶିକ୍ଷା ଗୁରୁଙ୍କ ସଂସ୍ପର୍ଶରେ ଆସିଥାଉ। ସେ ବ୍ୟକ୍ତିର ମାନସିକ, ସାମାଜିକ ବ୍ୟକ୍ତିତ୍ୱର ବିକାଶ ଘଟାଇବା ସହିତ ଅଜ୍ଞାନ ରୂପକ ଅନ୍ଧାରକୁ ଦୂରାଇ ଜ୍ଞାନାଲୋକରେ ଉଦ୍ଭାସିତ କରିଥାନ୍ତି। ଗୁରୁଙ୍କ ଆଶୀର୍ବାଦ, ମାର୍ଗଦର୍ଶନ ବିନା କୌଣସି କାର୍ଯ୍ୟ ସଫଳ ହୁଏନାହିଁ। ଉତ୍ତମ ଗୁରୁଙ୍କ ସଂସ୍ପର୍ଶରେ ଆସି ଶିଷ୍ୟ ତାର ଜୀବନକୁ ରୁଚିମନ୍ତ, ବୁଦ୍ଧିମନ୍ତ କରିଥାଏ।


ଖୁଲଣା ନାୟକ (ଆଚାର୍ଯ୍ୟା)

ଏହି ମର୍ମରେ ଗୁରୁଙ୍କ ପ୍ରତି ସମର୍ପଣ ସ୍ୱରୂପ ମୋର କବିତାଟି ଉଲ୍ଲେଖ କରୁଛି – ''ହେ ଗୁରୁ ତୁମେ ମହାନ, ହେ ଗୁରୁ ତୁମେ ବନ୍ଦନ, ତୁମେ ବ୍ରହ୍ମା ବିଷ୍ଣୁ, ତୁମେ ମହେଶ୍ୱର, ତୁମେ ସାକ୍ଷାତ ଭଗବାନ।। ହେ ଗୁରୁ ତୁମେ ମହାନ...। ଅମୂଲ୍ୟ ସଂପଦ ଗୁରୁ ଆଶୀର୍ବାଦ, ରଖିଲେ ସାଇତି ମିଳଇ ଆନନ୍ଦ, ଗୁରୁକୃପା ଦୃଷ୍ଟି ରହୁଥିଲେ ସଦା, ମିଳେ ସବୁଠି ସମ୍ମାନ।। ହେ ଗୁରୁ ତୁମେ ମହାନ...। ଅଜ୍ଞାନ ରୂପକ ଅମା ଅନ୍ଧକାର, ତୁମରି ଛୁଆଁରେ ହୋଇଥାଏ ଦୂର, ତୁମ ଶ୍ରୀଚରଣେ ପ୍ରଣିପାତ କରି, ହେଉ ଜଗତେ ମହାନ।। ହେ ଗୁରୁ ତୁମେ ମହାନ...। ଗୁରୁ ଆଦର୍ଶରେ ଚାଲୁଥିଲେ ପଥ, ଚଲାପଥ ଆମ ହେବ କୁସୁମିତ, ଶିଖର ସ୍ଥାନରେ ପହଞ୍ଚିବା ଆମେ, ଧନ୍ୟ ହୋଇବ ଜୀବନ।। ହେ ଗୁରୁ ତୁମେ ମହାନ.....।''

*ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଏନଟିପିସି, କଣିଆଁ, ଅନୁଗୁଳ, ଦୂରଭାଷ : ୮୨୪୯୩୩୨୬୩୬*

# ପାଠ ସହିତ ଶାଠ

ପିଲାଟିଏ ଜନ୍ମ ହେବା ପରେ ୩ ବର୍ଷ ନ ପୁରୁଣୁ ଆମେ ତା' ଉପରେ ପାଠ ର ବୋଝ ଟି ବହୁତ ସୁନ୍ଦର ଭାବରେ ଲଦି ଦେଉ ,ଏବଂ ଭାରି ଖୁସି ଅନୁଭବ କରୁ ଯେ ପିଲାଟି ଆମର ବହୁତ କିଛି ଶିଖିଲାଣି।କଅଁଳ ବୟସରୁ ପିଲାଟି ଗୁଲୁଗୁଲିଆ କଥା କହି ,ପାଠ ଶୁଣାଇ ସମସ୍ତଙ୍କୁ ଖୁସି କରେଇଦିଏ। ତାକୁ ନେଇ ପ୍ରତିଯୋଗିତା ଚ଼ାଲେ ।ଠିକ୍ ଭାବରେ କଥା କହି ଶିଖୁନଥିବା ଏବଂ ଠିକ୍ ଭାବରେ ଚ଼ାଲିପାରୁ ନଥିବା ପିଲା କ୍ରମଶଃ ବିଦ୍ୟାଳୟ କୁ ଯାଏ । ଅଭିଭାବକମାନେ ବହୁ ଚିନ୍ତା ରେ ରହନ୍ତି ପିଲାମାନଙ୍କ ପାଠ ପଢ଼ା କୁ ନେଇ। ସେଥିପାଇଁ ତାଙ୍କ ମୁଣ୍ଡ ଭିତରେ ବିଭିନ୍ନ ପ୍ରକାର ଯୋଜନା ବସାବାନ୍ଧ ? ।ପିଲା କେତେଦୂର କ'ଣ ଗ୍ରହଣ କରିପାରିବ ସେ ବିଷୟ ରେ ନ ଭାବି ନିଜର ଉଦ୍ଦେଶ୍ୟ ସାଧନ କରିବା କୁ ପ୍ରବଳ ଇଚ୍ଛା ପ୍ରକଟ ହୁଏ।

କେତେକ ପିଲା କେବଳ ପାଠ ପଢ଼ିବା ବ୍ୟତୀତ ଅନ୍ୟ କୋ?ଣସି ବିଷୟରେ ଶିକ୍ଷାଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ବେଳେ ଆଉ କେତେକ ପିଲା ନୃତ୍ୟ, ଗୀତ, ଚ଼ିତ୍ର ଆଙ୍କିବା ଇତ୍ୟାଦିରେ ମନୋନିବେଶ କରିଥାନ୍ତି। ଯାହା କି ଅତ୍ୟନ୍ତ ଭଲ କଥା। ପିଲା ମାନଙ୍କ ଭିତରେ କିଛି ନୂଆ ଶିଖିବାର ଆଗ୍ରହ ବା ନୂଆ ସୃଷ୍ଟି କରିବାର ଆଗ୍ରହ ବଢ଼ିଥାଏ। କିନ୍ତୁ ଏସବୁ କୁ ବାଦ୍ ଦେଲେ ପିଲାମାନେ ବଡ଼ ହେବା ସହିତ ତାଙ୍କୁ ଆଉ କିଛି ଶିକ୍ଷା ଦେବା ବାପା ମା'ଙ୍କ ର ଗୋଟିଏ ପ୍ରଧାନ କର୍ତ୍ତବ୍ୟ ରହିଛି ଯାହା ସମାଜ ସହିତ ଜଡ଼ିତ ଏବଂ ପାରିପାର୍ଶ୍ୱିକ ପରିବେଶ ସହିତ ମଧ୍ୟ ଜଡ଼ିତ। ଯେଉଁଥିପାଇଁ ତାଙ୍କର ବାହ୍ୟ ବିକାଶ ହେବାର ଗୋଟିଏ ମାର୍ଗ ଦର୍ଶକ ଭାବରେ ଭବିଷ୍ୟତରେ କାର୍ଯ୍ୟ କରିପାରିବ।

ପିଲାମାନେ କେବଳ ପାଠ ପଢ଼ିବା ଦ୍ୱାରା ତାଙ୍କର ବୌଦ୍ଧିକ ବିକାଶ ହେବା ଯେତିକି ଜରୁରୀ ସାମାଜିକ ବିକାଶ ହେବା ମଧ୍ୟ ସେତିକି ଜରୁରୀ। ଯାହା ଦ୍ୱାରା ସେମାନେ ବଡ଼ ହେବା ସହିତ ସ୍ୱାବଲମ୍ବୀ ହୋଇପାରିବେ, ସବୁପ୍ରକାର ସମୟ ସହିତ ତାଳ ମିଳାଇ ଚ଼ଳିପାରିବେ ।

ବାପା ମା'ଙ୍କୁ ସାହାଯ୍ୟର ହାତ ବଢ଼ାଇବା ସହିତ ନିଜେ ସୁରୁଖୁରୁରେ ଚ଼ଳିପାରିବେ।

ବାପା ମା' ପିଲା ବୟସ ପରେ ଶିଖିବ କହି ତାଙ୍କୁ ବାହାର କାର୍ଯ୍ୟରେ ଲଗାନ୍ତି ନାହିଁ କିମ୍ବା ସ୍ୱାଧୀନ ଭାବରେ ତାଙ୍କୁ ଏଇଟା କର କି ସେଇଟା କର ବୋଲି କହନ୍ତି ନାହିଁ।

ଯେତେବେଳେ ଆମେ କୁଆଡ଼? ଯାଉଚୁ ବୁଲାବୁଲି କରିବା ପାଇଁ ଅଥବା ସଉଦା ପତ୍ର, ପନିପରିବା ଆଣିବାକୁ ସେତେବେଳେ ପିଲାମାନଙ୍କୁ ସାଙ୍ଗରେ ନେଇ ଯିବା ଉଚ଼ିତ।

ସବୁସମୟରେ ଏହା ସୁବିଧା ନୁହେଁ କାରଣ ସେମାନେ ପଢ଼ାପଢ଼ି, ନୃତ୍ୟ ,ଗୀତ ରେ ବ୍ୟସ୍ତ ଥା'ନ୍ତି ସେଥିପାଇଁ ସମୟ ମିଳେନାହିଁ।

ଯେତେବେଳେ ଛୁଟି ରହୁଚ଼ି ସେହିଦିନ ମାନଙ୍କରେ ପିଲାମାନଙ୍କୁ ଏସବୁ ଶିଖେଇବା ଦ୍ୱାରା ସେ ପ୍ରତ୍ୟେକ ଜିନିଷର ମୂଲ୍ୟ ଜାଣିପାରିବେ, ସମସ୍ତଙ୍କ ସହିତ ମିଶିଲେ ତାଙ୍କ ମନ ଭିତରେ ଥିବା ଭୟ ଓ ଲାଜ ଦୂରେଇ ଯିବ । ଭବିଷ୍ୟତରେ ଏଇସବୁ କାର୍ଯ୍ୟ କରିବାପାଇଁ ଆଉ ଅଡୁଆ ଲାଗିବ ନାହିଁ।


ସୁଚ଼ରିତା ମହାନ୍ତି

ଆବଶ୍ୟକ କ୍ଷେତ୍ର ରେ ସେମାନେ ନିଜେ ଯାଇ ଘର ପାଇଁ ହେଉ କି ନିଜ ପାଇଁ ହେଉ ଔଷଧ ଠାରୁ ଆରମ୍ଭ କରି ପୋଷାକ, ପଣ୍ୟ ଦ୍ରବ୍ୟ ଇତ୍ୟାଦି ଆଣି ସହଜରେ ଚ଼ଳିପାରିବେ। ସବୁବେଳେ ବାପା ମା' ଙ୍କ ଉପରେ ନିର୍ଭର କରି ଚ଼ଳୁଥିବା ପିଲାମାନେ ଅନେକାଂଶରେ ଅସୁବିଧା ଭୋଗ କରିଥାନ୍ତି। ଏତେ ମାତ୍ରାରେ ନିର୍ଭରଶୀଳ ହୋଇଯାଇଥାନ୍ତି ଯେ, ହଠାତ୍ ତାଙ୍କୁ କିଛି କାମ ବରାଦ କଲେ ସେମାନେ କରିବା ପାଇଁ ଅସମର୍ଥ ହୋଇପଡ଼ନ୍ତି ।

ଯେ କୌଣସି ପର୍ବପର୍ବାଣୀ ଠାରୁ ଆରମ୍ଭ କରି ଘରର ପ୍ରତ୍ୟେକ କଥା ରେ ଛୋଟ ବେଳୁ ପିଲାମାନଙ୍କୁ ଶିଖେଇଲେ ସେମାନେ ସମ୍ପୂର୍ଣ୍ଣ ଭାବରେ ନିଜେ ନିଜର ବୁଦ୍ଧି ବିବେକ ଦ୍ୱାରା ସମସ୍ତ କାର୍ଯ୍ୟକୁ ତୁଲାଇ ପାରିବେ।

ଆମେ ମାନେ ସେଥିପାଇଁ ସଚେତନ ହେବା ଆବଶ୍ୟକ ଏବଂ ଏଥି ପ୍ରତି ଦୃଷ୍ଟିଦେଇ ପିଲାମାନଙ୍କୁ ସ୍ୱାବଲମ୍ବୀ କରେଇବା ଆବଶ୍ୟକ। ପାଠ ସହିତ ଶାଠ ର ଆବଶ୍ୟକତା ଢେର୍ ବେଶୀ ରହିଛି।ଆମର ଭବିଷ୍ୟତ ଦାୟାଦ ଙ୍କୁ ଦାୟିତ୍ୱ ବୋଧର ଶିକ୍ଷାଦାନ କଲେ ସେମାନେ ନିଜକୁ କେବେ କୌଣସି କଥାରେ ଅସହାୟ ବୋଲି ଭାବିବେ ନାହିଁ ବା ନିଜକୁ ଦୁର୍ବଳ ବୋଲି ଭାବି ସେ କାମରୁ ନିବୃତ୍ତ ରହିବେ ନାହିଁ।

ପରିବେଶ ସହିତ ଖାପଖୁଆଇ ଚ଼ଳିପାରୁଥିବା ମଣିଷ ଜୀବନରେ କେବେ ଠକେ ନାହିଁ। ତେଣୁ ପ୍ରତ୍ୟେକ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଯଦି ଦେଖାଯାଇଥାଏ ତା'ହେଲେ ଛୋଟ ପିଲାମାନଙ୍କୁ ସ୍ୱାବଲମ୍ବୀ କରେଇବା ପାଇଁ ବିଭିନ୍ନ ପ୍ରକାର ସୁବିଧା ଓ ଶିକ୍ଷା ଦିଆଯାଇଥାଏ। ଆମେ କ'ଣ ଆମ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଲକ୍ଷ ରେ ରଖି ତାଙ୍କୁ ପାଠ ସହିତ ଶାଠ ଶିଖାଇ ପାରିବାନି କି !!

*କାଏଣ୍ଡା, ବାଲେଶ୍ୱର*
*୮୯୧୭୫୭୧୨୦୨*

# ମୃତ୍ୟୁଂ ଅବଲୋପୟ

ଆତ୍ମହତ୍ୟା ଏକ ସାମାଜିକ ଓ ମାନସିକ ସମସ୍ୟା ହେବା ସହ ଆଇନ ଅନୁଯାୟୀ ଏକ ଅପରାଧ। ଏହି ଅପରାଧ ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଦଣ୍ଡର ବ୍ୟବସ୍ଥା ରହିଛି। ଏହା ହେଲା ଆଇନଗତ ଦିଗ। ତେବେ ଧର୍ମଦିଗ ଦେଇ ମଧ୍ୟ ଆତ୍ମହତ୍ୟା ଏକ ଅପରାଧ, ମହାପାପ। ବିଭିନ୍ନ ମତାବଲମ୍ବୀ ବ୍ୟକ୍ତିମାନେ ଆତ୍ମହତ୍ୟାକୁ ନେଇ ବିଭିନ୍ନ ପ୍ରକାର ମତବ୍ୟକ୍ତ କରନ୍ତି। ଇହୁଦିମାନେ ଆତ୍ମହତ୍ୟାକୁ ଘୃଣା କରନ୍ତି। ଇହୁଦି କବରସ୍ଥାନରେ ଆତ୍ମହତ୍ୟା କରିଥିବା ବ୍ୟକ୍ତିମାନଙ୍କୁ ଅଲଗା କବର ଦିଆଯାଏ। ସେମାନଙ୍କ ପାଇଁ ଶୋକ ପାଳନରେ ଅନେକ ଧାର୍ମିକ ରୀତିନୀତି ପାଳନ କରାଯାଏ ନାହିଁ। ଇହୁଦୀମାନେ ଆତ୍ମହତ୍ୟାକୁ କୌଣସି ମତେ ସ୍ୱୀକାର କରନ୍ତି ନାହିଁ। ଆତ୍ମହତ୍ୟା ପାଇଁ ସହଯୋଗ ମାଗିବା ଏବଂ ସହଯୋଗଦେବା ମଧ୍ୟ ମହାପାପ। ରୋମାନ କ୍ୟାଥଲିକ୍ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ମହାପାପ। କାରଣ ଏହା ଖ୍ରୀଷ୍ଟଧର୍ମର ମୂଳନୀତିକୁ ବିରୋଧ କରେ। ତେବେ ସେମାନେ ଏହି ପାପର ବିଚାର ଈଶ୍ୱର କରିବେ ବୋଲି ମତ ଦିଅନ୍ତି। ତେଣୁ ଆତ୍ମହତ୍ୟା କରିଥିବା ବ୍ୟକ୍ତି ପାଇଁ ଚର୍ଚ୍ଚରେ ଶୋକ ପ୍ରାର୍ଥନା ଅନୁଷ୍ଠିତ ହୁଏ। ପୂର୍ବେ ରକ୍ଷଣଶୀଳ କ୍ୟାଥଲିକ୍ ଚର୍ଚ୍ଚ ଗୁଡ଼ିକ ଆତ୍ମହତ୍ୟା କରୁଥିବା ବ୍ୟକ୍ତିଙ୍କୁ କବର ଦେବା ଏବଂ ସେମାନଙ୍କୁ ଶୋକ ପ୍ରାର୍ଥନା ପାଇଁ ବାରଣ କରୁଥିଲେ କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ଆସିଛି। ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିୟ ମାନ୍ୟତା ଅନୁଯାୟୀ – ଆତ୍ମହତ୍ୟା କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଉପହାରକୁ ଗ୍ରହଣ କରିପାରେ ନାହିଁ। ଏହି ମାନ୍ୟତା ଅନୁଯାୟୀ ଆତ୍ମହତ୍ୟା ଅକ୍ଷମଣୀୟ ପାପ ନୁହେଁ ବରଂ ଈଶ୍ୱର ଦେଉଥିବା ଉପହାରକୁ ଅସ୍ୱୀକାର କରିବା ହିଁ ପାପ। ଇସ୍‌ଲାମ ଧର୍ମ ଅନୁଯାୟୀ ଆତ୍ମହତ୍ୟା ମହାପାପ ମଧ୍ୟରୁ ଅନ୍ୟତମ। ଏହା ମନୁଷ୍ୟର ଆଧାତ୍ମିକ ଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ। ମହାପୁରୁଷ ମହମ୍ମଦଙ୍କ ଉପଦେଶ ଅନୁଯାୟୀ ଯେଉଁ ବ୍ୟକ୍ତି ଆତ୍ମହତ୍ୟା ପାଇଁ ଯେଉଁ ରାସ୍ତା ବାଛିଥାଏ, ମୃତ୍ୟୁ ପରେ ତାକୁ ସେହି ଦଣ୍ଡ ଦିଆଯାଏ। ହିନ୍ଦୁଧର୍ମରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ। ଏହା ଅହିଂସାର ବିରୁଦ୍ଧାଚରଣ। ଏହା ହତ୍ୟା ସମକକ୍ଷ ପାପ। ଆତ୍ମହତ୍ୟା କରୁଥିବା ବ୍ୟକ୍ତିର ଆତ୍ମା ସବୁବେଳେ ଅସନ୍ତୁଷ୍ଟ ରହି ପ୍ରେତ ଭାବରେ ବୁଲୁଥାଏ। ଜୈନଧର୍ମରେ ଆତ୍ମହତ୍ୟାକୁ ସବୁଠାରୁ ଭୟଙ୍କର ହିଂସା ଭାବରେ ଅଭିହିତ କରାଯାଇଛି। ଏହା ଜୈନଧର୍ମର ମୂଳନୀତି ଅହିଂସାର ବିରୁଦ୍ଧାଚରଣ। ବୌଦ୍ଧଧର୍ମ ଅହିଂସା ଉପରେ ପର୍ଯ୍ୟବେସିତ। ତେଣୁ ଆତ୍ମହତ୍ୟା କରିବା ବୌଦ୍ଧଧର୍ମରେ ଗ୍ରହଣୀୟ ନୁହେଁ। ଏହା ଜ୍ଞାନ ପ୍ରାପ୍ତିର ପ୍ରତିବନ୍ଧକ ବୋଲି ବୌଦ୍ଧଧର୍ମ କୁହେ।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମ ଦୟାମୟ ବିଶ୍ୱସ୍ରଷ୍ଟା ଯେତେବେଳେ ନରରୂପ ପରିଗ୍ରହଣ କରି ଏହି ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି, ତାଙ୍କର ଅଭିଯାନ ହୁଏ ମୃତ୍ୟୁ ଓ ଅବିନାଶ ବିରୁଦ୍ଧରେ। ତାଙ୍କର ରଥଚକ୍ର ନିଷ୍ପେଷଣରେ ସଇତାନର ହାଡ଼ ଭାଙ୍ଗି ଗୁଣ୍ଡ ହୋଇଯାଏ। ଶେଷରେ ପ୍ରଭୁ ଜୟଯୁକ୍ତ ହୁଅନ୍ତି। ବଜ୍ରନିନାଦ କଣ୍ଠରେ କଳିଯୁଗର ଯୁଗାବତାର ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଉଦ୍‌ଘୋଷଣା କଲେ – ମା ମ୍ରିୟସ୍ୱ, ମା ଯହି, ଶକ୍ୟତେ୍ ଚେତ୍ ମୃତ୍ୟୁଂ ଅବଲୋପୟ – ମର ନା, ମାର ନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର। ପୂର୍ବତନ ପ୍ରେରିତ ଅବତାର ପୁରୁଷମାନେ ମଧ୍ୟ ଏହି ଭାବରେ ଏକ ତଥ୍ୟ ପରିବେଷଣ କରିଛନ୍ତି। ଜନ୍ମମୃତ୍ୟୁର ରହସ୍ୟ ଭେଦକରି ପରବ୍ରହ୍ମ କୁଳମାଲିକ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ, ଜନ୍ମେ ପୁଣି ସେଭଳି ସ୍ଥାନେ ସେହି ଭାବର ପଥ ପାଏ ଯେବେ। ମୃତ୍ୟୁ ସମୟରେ ମନୁଷ୍ୟ ଏକ ଭାବ ବା ଚିନ୍ତା ଭିତରେ ଲୟ ହୋଇଯାଏ। ଏହି ଭାବ ବା ଚିନ୍ତା ଭିତରେ ତାର ସବୁକିଛି ଗଭୀରତର ଛାପ ଓ ଝୁଙ୍କ୍ ବା ଆଗ୍ରହ ଏକାଗ୍ର ହୋଇରହେ। କୌଣସି ଦମ୍ପତ୍ତିର ମିଳନ ସମୟରେ ଏହି ଭାବର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ତାର ଆସିବା ସମ୍ଭବ ହୁଏ। ଯେଉଁ ଭାବ ବା ଭାବଦେହ ନେଇ ଆମ୍ଭେମାନେ ବିଗତ ହେଉ ସେହି ଭାବ ବା ଭାବଦେହର ସଂଗତି ଯେଉଁଠାରେ ସୃଷ୍ଟି ହୁଏ ସେହିଠାରେ ହିଁ ପୁନରାବିର୍ଭାବ ହୁଏ। ଭାବ ଦେହଟା ଏତେ ସୂକ୍ଷ୍ମ ଯେ ଏହା ଯେକୌଣସି ସ୍ଥାନରେ ବା ଯେକୌଣସି ମୁହୂର୍ତ୍ତରେ ପ୍ରବେଶ କରିପାରେ। ପ୍ରକୃତପକ୍ଷରେ ଏହି ଭାବଦେହ ଓ ପିତାମାତାଙ୍କ ଠାରୁ ପ୍ରାପ୍ତ ଦେହ ସମାନ। ତୁମେ ଓ ତୁମର ଫଟୋ ଯେଭଳି ଅଲଗା ନୁହେଁ ଏହା ମଧ୍ୟ ସେହିଭଳି। ଆତ୍ମହତ୍ୟାର ଯେଉଁ ବିକଟ ରୂପ ଓ ଚିନ୍ତାଧାରା ନେଇ ଯେଉଁମାନେ ଏହି ଗର୍ହିତ କର୍ମ କରନ୍ତି ସେହି ଭାବ ଜନ୍ମ ଜନ୍ମାନ୍ତର ଧରି ତାଙ୍କ ପାଖରେ ରହିଥାଏ। ଏହି କାଳଚକ୍ରରୁ ମୁକ୍ତି ପାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଉଦ୍‌ଘୋଷଣା କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ – ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।

*ସହ-ପ୍ରତିରଦ୍ଧିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ସାମଗ୍ରିକ ନବଜାତକ ଯତ୍ନ

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ ୟୁନିଟ ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନରେ ହାସଲ କରିଛି। ସେହିପରି ଏନବିଏସୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ୍ୟ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନବିଏସୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣୀତ କରିଛି।

ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ଆଇଏପି ନିଓକନର ୧୫ତମ ବାର୍ଷିକ ସମ୍ମିଳନୀ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କିଟ, କିସ୍ ଓ କିମସ ପ୍ରତିଷ୍ଠାତା ଡ.ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ ମୋଟାଲିଟି ରେଟ ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ.ଏନ. ପରିଡ଼ା ଏବଂ ଡା. ଗିରିଶ ଗୁପ୍ତାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ ଫେଲୋଶିପ ଏକଜିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏବେ ଦେଶରେ ନବଜାତ ଶିଶୁ ମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧା ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ମିଳନୀ ଉଦଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗ ଦେଇଥିବା ବେଳେ ୧୫୦ ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ଏହି ସମ୍ମିଳନୀର ଆଲୋଚ୍ୟ ବିଷୟବସ୍ତୁ ଥିଲା 'ସାମଗ୍ରୀକ ନବଜାତକ ଯତ୍ନ'।

ମା'ର ଗର୍ଭାଶୟରର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱିସ୍ତିକର ହୋଇଥାଏ । ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲବ୍ ବା ରୁମ ହିଟର ବ୍ୟବହାର କରିପାରନ୍ତି ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ । ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ । ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ । ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ । ଏହାକୁ କଷକ୍ଷୀର କହି ନଷ୍ଟ ନକରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ । ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ । ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇ ପାରନ୍ତି । ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ । ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି ଯାହାକି ସେମାନଙ୍କୁ ଶୋଇବାରେ ଆରମ ଲାଗିଥାଏ । ହେଲେ ରାତିରେ ମା ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉନଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି । ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ । ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି । ଯାହାଫଳରେ ପେଟ ଫୁଲିଥାଏ । ଏହା ଛାଏଁ ଭଲ ହୋଇଯାଏ, ଏହାକୁ ଲୋକମାନେ ଭୁଲରେ ପେଟପମ୍ପା ବୋଲି କହିଥାନ୍ତି । ଜନ୍ମ ହେବାର ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ । ଏହା ୧୦/୧୫ ଦିନ ରହିଥାଏ । ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ । ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ । ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ । କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରିଆସେ । ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ ଧାରଣା । ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ । ମନେ ରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ । ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣ ଠାରୁ ଦୂରେଇ ରଖନ୍ତୁ । ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧ୍ୟରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସବୁ ରାଜ୍ୟରେ ଏନବିଏସୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନବିଏସୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନବିଏସୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ନିକଟରେ ଏନବିଏସୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନା ଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନବିଏସୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜୀବନ ରକ୍ଷା କରିବାରେ ବେଶ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁ ବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୨ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ (ଏସଏନଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ, କଙ୍ଗାରୁ ମଦର କେୟାର ୟୁନିଟ ଆଦି ସ୍ଥାପନ, ଭାରତର ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟି ହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି। ଓଡ଼ିଶା ସରକାରଙ୍କ ଜଣେ ଦକ୍ଷ, ଅନୁଭବୀ ଓ ମୋହନ ଚରଣ ମାଝୀଙ୍କ ମୁଖ୍ୟମନ୍ତ୍ରୀ ଘନିଷ୍ଠ ସହଯୋଗୀ ଭାବେ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଭାବେ ରହିଛନ୍ତି ଡାକ୍ତର ମୁକେଶ ମହାଲିଙ୍ଗ। ଲୋକପ୍ରିୟ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସରକାରଙ୍କ ଶୂନ୍ୟ ମୃତ୍ୟୁ ନୀତିକୁ ସେ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରି ରାଜ୍ୟର ବିକାଶରେ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱକୁ ସେ ସୂଚାରୁରୂପେ ସମ୍ପାଦନ କରୁଛନ୍ତି। ଯାହାଦ୍ୱାରା ଓଡ଼ିଶା ଏହି ବିରଳ ସଫଳତା ଓ ଗୌରବ ପାଇପାରିଛି।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ
ବିଭାଗ, ଫକୀରମୋହନ ମେଡ଼ିକାଲ
କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ଖେଳର ନାଁ ବଙ୍ଗଳାଦେଶ (୨)

ସୌମେନ୍ଦ୍ର ଜେନା

ଅଗଷ୍ଟ ମାସରେ ବଙ୍ଗଳାଦେଶର ଆୱାମୀ ଲିଗର ସରକାର କ୍ଷମତା ତ୍ୟାଗ କରିବା ପରେ ଜାତିସଂଘକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଷଣ ଦେବାଲାଗି ଯିବେ ବୋଲି ଯେଉଁ ଆକଳନ କରାଯାଉଥିଲା ତାହା ବନ୍ଦ ହୋଇଛି। ଶ୍ରୀ ମୋଦୀଙ୍କ ସ୍ଥାନରେ ବିଦେଶମନ୍ତ୍ରୀ ଜୟଶଙ୍କର ଆମେରିକା ଗସ୍ତ କରିବେ ବୋଲି ସ୍ପଷ୍ଟ ହୋଇଛି। ଶ୍ରୀ ମୋଦିଙ୍କ ନିର୍ବାଚନ ପୂର୍ବରୁ ବାଇଡେନ ମୋଦୀଙ୍କ ମାଧ୍ୟମରେ ଦଳୀୟ ଭୋଟ ବୃଦ୍ଧି ପାଇଁ ଯେଉଁ ଯୋଜନା କରିଥିଲେ ତାହା ସଫଳ ହେବ ନାହିଁ। ଟ୍ରମ୍ପଙ୍କ ବିରୁଦ୍ଧରେ ଏବଂ କମଳା ହାରିସ୍‌ଙ୍କ ସମର୍ଥନରେ ଆମେରିକାରେ ନିର୍ବାଚନ ପ୍ରଚାର କରିବା ମୋଦୀଙ୍କ ପାଇଁ ଆଦୌ ସହଜ ହେବ ନାହିଁ। ନିକଟରେ ବଙ୍ଗଳାଦେଶ ମାମଲାରେ ପାକିସ୍ଥାନ ଓ କାତାର ସହ ମିଶି ଆମେରିକା ଢାକାରେ ଯେପରି ଖେଳକଲା, ତାକୁ ମୋଦୀ ଭୁଲିପାରିବେ ନାହିଁ ।ଖବରରୁ ଯାହା ଜଣାପଡିଛି, ଶେଖ ହାସିନାଙ୍କ ସରକାରକୁ କ୍ଷମତାଚ୍ୟୁତ କରିବାକୁ ଏପ୍ରିଲ ୨୦୨୩ରେ ଛାତ୍ରମାନଙ୍କର ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ଏହି ଷଡଯନ୍ତ୍ରରେ ବଙ୍ଗଳାଦେଶର ଜଣେ ଛାତ୍ରନେତା ପାକିସ୍ଥାନ ଗସ୍ତକରି ସେଠାରେ ଆଇଏସ୍‌ଆଇ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ । ଏମାନଙ୍କ ମଧ୍ୟରେ ଜଣେ ଥିଲା ମହମ୍ମଦ ମହଫୁଜ ଆଲାମ, ଯାହାକୁ ମହମ୍ମଦ ୟୁନୁସଙ୍କ ମଧ୍ୟବ ୀକାଳିନ ସରକାରର ସ୍ୱତନ୍ତ୍ର ସହାୟକ ଭାବେ ନିଯୁକ୍ତି ମିଳିଛି। ଯୋଜନାନୁସାରେ ତାଲିକାଭୁକ୍ତ ଅନେକ ଛାତ୍ର ମଦ୍ରାସାରେ ପାଠ ପଢ଼ିଥିଲେ ମଧ୍ୟ ସେମାନଙ୍କ ନାମ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଲେଖାଯାଇଥିଲା, ଯାହାକି ବିଶେଷତଃ ଢାକାରେ ରହିଥିଲା । ଏପ୍ରିଲରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ ବଙ୍ଗଳାଦେଶର ତିନିଜଣ ଛାତ୍ର ଢାକାର ଶାହ ଆଲମ ବିମାନ ବନ୍ଦରରୁ ଅଲଗା ଅଲଗା ଦିନ ପାକ୍ ଯାତ୍ରା କରିଥିଲେ, ଯେମିତିକି ବଙ୍ଗଳାଦେଶର ଗୋଇନ୍ଦା ବିଭାଗର ସନ୍ଦେହ ରହିବ ନାହିଁ। ଏହି ଯାତ୍ରାର ଫେରନ୍ତା ବ୍ୟବସ୍ଥା ମଧ୍ୟ ପାକିସ୍ତାନର ଜଣେ ଅବସରପ୍ରାପ୍ତ ଆଇଏସ୍‌ଆଇ ଲେଫ୍‌ଟନା ଜେନେରାଲ ଦେଖୁଥିଲେ। ସେହି ଜେନେରାଲ ଜଣକ ଗତ ବର୍ଷକ ମଧ୍ୟରେ ବାରମ୍ବାର ବଙ୍ଗଳାଦେଶ ଗସ୍ତରେ ଆସିଥିଲେ। ଆମେରିକାର ସୁରକ୍ଷା ଅଧିକାରୀମାନେ ଏହି ଟଙ୍କା ଦେବା ବ୍ୟବସ୍ଥାର ଦାୟିତ୍ୱରେ ଥିଲେ । ଏପ୍ରିଲ ୨୦୨୩ରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ କାତାରର ଦୋହାଠାରେ ଥିବା ଏକ ହୋଟେଲରେ ପାକ୍ -ଆଇଏସ୍‌ଆଇର ଜେନେରାଲଙ୍କ ସହ ବଙ୍ଗଳାଦେଶର ଅନ୍ୟ ଏକ ଛାତ୍ରଗୋଷ୍ଠୀଙ୍କ ସାକ୍ଷାତ ହୋଇଥିଲା । କାତାରରେ ରହୁଥିବା ବଙ୍ଗଳାଦେଶୀମାନଙ୍କ ବ୍ୟାଙ୍କ ଆକାଉ କୁ ବ୍ୟବହାର କରାଯାଇ ବଙ୍ଗଳାଦେଶୀ ଛାତ୍ରମାନଙ୍କ ଆକାଉ କୁ ଟଙ୍କା ପଠାଗଲା । ସେପ୍ଟେମ୍ବର ୨୦୨୩ରେ ଛାତ୍ର ଆନ୍ଦୋଳନ ପାଇଁ ମୁଖ୍ୟ ସଂଯୋଜକ ନିଯୁକ୍ତି ସରିଲା ପରେ ତିନିଜଣିଆ ଏକ ଛାତ୍ରଦଳ ଦୁବାଇ ହୋଟେଲରେ ପାକ୍-ଅଧିକାରୀମାନଙ୍କ ସହ ପ୍ରାୟ ୬ରୁ ୭ଥର ସାକ୍ଷାତ କଲେ । ଆନ୍ଦୋଳନରେ ସାମିଲ ଥିବା ଛାତ୍ର ନେତାମାନେ ଥିଲେ ହିଜବୁଲ ତେହରିକ ଏବଂ ଜମାତେ ଇସଲାମୀର ଛାତ୍ରଶାଖା ଇସଲାମୀ ଛାତ୍ରଶିବିରର ସଦସ୍ୟ । ଜମାତେ ଇସଲାମୀ ସହ ପାକ୍ ଆଇଏସ୍‌ଆଇର ସଂପର୍କ ପୂର୍ବରୁ ରହିଆସିଛି। ପାକ୍‌ର ଆଇଏସ୍‌ଆଇ ଅଧିକାରୀଙ୍କୁ ହାସିନାଙ୍କ ବିରୋଧରେ ଆନ୍ଦୋଳନ କରିବାଲାଗି କୁହାଯିବା ପରେ ସେମାନେ ଖୁସିରେ ଜମାତକୁ ସମର୍ଥନ କରିଥିଲେ। ତେବେ ଏହି ଷଡଯନ୍ତ୍ର ବାବଦରେ ରୁଷିଆର ଗୋଇନ୍ଦା ସଂସ୍ଥା ସତର୍କ କରାଇଥିଲେ। ୧୭ଡିସେମ୍ବର ୨୦୨୩ରେ ବଙ୍ଗଳାଦେଶର ଏକ ଇଂରାଜୀ ସମ୍ବାଦପତ୍ରରେ ରୁଷିଆର ପ୍ରବକ୍ତାଙ୍କ ସାମ୍ବାଦିକ ସମ୍ମିଳନୀରେ ପ୍ରଦ ଆଶଙ୍କା ପ୍ରକାଶ ପାଇଥିଲା। ଯାହାର ଶୀର୍ଷକ ରହିଥିଲା, "ଆରବର ଆନ୍ଦୋଳନ ଡା ।ରେ ବଙ୍ଗଳାଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଋହୁଁଛି ଆମେରିକା ।" କାରଣ ୭ଜାନୁଆରୀରେ ବଙ୍ଗଳାଦେଶ ନିର୍ବାଚନ ଲାଗି ଭାରତ ଓ ବଙ୍ଗଳାଦେଶର ଅଧିକାରୀମାନେ ବ୍ୟସ୍ତ ଥିଲାବେଳେ ରୁଷିଆର ଅଧିକାରୀଗଣ ପାକ୍-ଆମେରିକା ଗୋଇନ୍ଦା ଅଧିକାରୀ ଏବଂ ଛାତ୍ରମାନଙ୍କ ଅସ୍ୱାଭାବିକ ବୈଠକ ଉପରେ ଦୃଷ୍ଟି ରଖିଥିଲେ। ଯେଉଁଥିପାଇଁ ୬୦୦ରୁ ଅଧିକ ଲୋକ ହିଂସାକାଣ୍ଡରେ ମୃତ୍ୟୁବରଣ କଲେ, ଦେଢହଜାରରୁ ଅଧିକ ଲୋକ ଆହତ ହେଲେ ।ଅଧିକ ଲୋକେ କାଳେ ମୃତ୍ୟୁବରଣ କରିବେ, ସେହି ଆଶଙ୍କାରେ ହାସିନା ଢାକା ଛାଡିବାକୁ ଉଚିତ ମଣିଲେ । ହାସିନାଙ୍କ ଢାକା ଛାଡିବା ପରେ ଜମାତେ ଇସଲାମୀ ଲୋକେ ୧୯୭୧ ପରି ରଂଗ ଦେଖାଇଲେ। ହିନ୍ଦୁ ମଠ ମନ୍ଦିର, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ କାରଖାନା, ବାସଗୃହ ତଥା ବ୍ୟକ୍ତିଙ୍କ ଉପରେ ଆକ୍ରମଣ କଲେ। ପ୍ରତି ଦୁଇଦିନରେ ଥରେ ଭାରତ ବିରୋଧୀ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହ ଆଲୋଚନା କରି ସାର୍କ ଆଲୋଚନା ପୁନର୍ବାର ଆରମ୍ଭ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି। ତେଣୁ ଭାରତ ବିରୁଦ୍ଧରେ ଛୋଟ ଛୋଟ ଦେଶକୁ ପାକ୍ ସଂଗଠିତ କରିବାକୁ ଆରମ୍ଭ କରିଛି । ଜାତିସଂଘର ସାଧାରଣ ପରିଷଦ ବୈଠକ କାଳରେ ଭାରତର ନେତୃବୃନ୍ଦଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ୟୁନୁସ ଘୋଷଣା କରିଛନ୍ତି। ତେବେ ଜାମ୍ମୁରେ ୧୮ ସେପ୍ଟେମ୍ବର ୨୦୧୬ରେ ଉରିଠାରେ ଭାରତୀୟ ସେନା ଉପରେ ପାକ୍‌ର ସନ୍ତ୍ରାସୀ ଆକ୍ରମଣ ପରଠାରୁ ଭାରତର ଆଲୋଚନା ବନ୍ଦ କରି ଦେଇଥିଲା । ପରେ ଭୁଟାନ, ବଙ୍ଗଳାଦେଶ ଏବଂ ଆଫଗାନିସ୍ଥାନ ମଧ୍ୟ ଇସଲାମାବାଦ ଯାଇପାରିବେ ନାହିଁ ବୋଲି କହିଥିଲେ।

ଏଣେ ୟୁନୁସ ରୋହିଙ୍ଗିଆମାନଙ୍କୁ ମ୍ୟାନମାରକୁ ଫେରାଇ ନେବାଲାଗି ଭାରତ କହୁ ବୋଲି କହିଲା ବେଳେ ତେଣେ ବଙ୍ଗଳାଦେଶ ଜେଲରେ ଥିବା ଜମାତେ ଇସଲାମୀର ସନ୍ତ୍ରାସବାଦୀଙ୍କୁ ଖଲାସ କରିବାରେ ବ୍ୟସ୍ତ। ୨୦୧୩ରୁ ରହମାନୀକୁ ଗାଜିପୁରର କାସିମପୁର କେନ୍ଦ୍ରୀୟ କାରାଗାରରେ ବ୍ଲଗର ଅହମ୍ମଦ ରାଜିବ ହାଇଦରଙ୍କ ହତ୍ୟା ଅଭିଯୋଗରେ ଗିରଫ କରାଯାଇ ରଖାଯାଇଥିଲା । ହସିନାଙ୍କ ଶାସନ କାଳରେ ଜମାତେ ଇସଲାମୀ, ଅନସାରୁଲ୍ଲାହ ବାଂଲା ଟିମ୍ ଉପରେ ଯେଉଁ ନିଷେଧାଦେଶ ରହିଥିଲା ୟୁନୁସ ସରକାର ତାକୁ ହଟାଇ ଦେଇଛନ୍ତି। ୮୦ବର୍ଷୀୟ ୟୁନୁସ ଶାରୀରିକ ଦୃଷ୍ଟିରୁ ଯେପରି ଦୁର୍ବଳ, ମାନସିକ ଦୃଷ୍ଟିରୁ ସେମିତି ଋପଗ୍ରସ୍ତ ରହିଛନ୍ତି। ଷଡଯନ୍ତ୍ର ଖେଳରେ ତାଙ୍କର ଭୂମିକାକୁ କେନ୍ଦ୍ର କରି ଅନେକ ତଥ୍ୟ ପ୍ରକାଶ ପାଇସାରିଛି।

ବଙ୍ଗଳାଦେଶର ବିଏନ୍‌ପି ଦଳ ପକ୍ଷରୁ କୁହାଯାଇଛି ଯେ ସରକାରକୁ ଆସିଲା ପରେ ଶେଖ୍ ହାସିନାଙ୍କ ସମୟର ସମସ୍ତ ବୁଝାମଣାକୁ ସମୀକ୍ଷା କରାଯିବ । ଏ କ୍ଷେତ୍ରରେ ଭାରତର ଅନେକଗୁଡିଏ ପ୍ରକଳ୍ପ ସଙ୍କଟରେ ପଡିବାର ସମ୍ଭାବନା ରହିଛି। ଆଦାନୀଙ୍କ ଅନେକ ଅର୍ଥ ଫେରିପାଇବା ବାକି ଥିଲାବେଳେ ଏବେ ବଙ୍ଗଳାଦେଶର ରାଜନୈତିକ ଅସ୍ଥିରତା ଭାରତ ବାହାରେ ପ୍ରକଳ୍ପ ସ୍ଥାପନା ପାଇଁ କମ୍ପାନୀକୁ ପୁନର୍ବିଚାର କରିବାକୁ ବାଧ କରିପାରେ।

ମହମ୍ମଦ ୟୁନୁସ ଯେତେ ଭଲକଥା କହିଲେ ମଧ୍ୟ ବଙ୍ଗଳାଦେଶରେ ୧୯୪୭ରୁ କ୍ରମାଗତ ଭାବେ ହିନ୍ଦୁଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ।ପ୍ରତିଶତ ହିସାବରେ ଦେଖିଲେ ୧୯୪୧ରେ ୨୮, ୧୯୫୧ରେ ୨୨, ୧୯୬୧ରେ ୧୮.୫, ୧୯୭୪ରେ ୧୩.୫, ୧୯୮୧ରେ ୧୨.୧, ୨୦୦୧ରେ ୯.୬,୨୦୧୧ରେ ୮.୫ ପ୍ରତିଶତ ହିନ୍ଦୁ ବଙ୍ଗଳାଦେଶରେ ରହିଛନ୍ତି । ୨୦୨୪ ଆନ୍ଦୋଳନ କାଳରେ ମୌଲବୀ ବଜାରର ନୂତନ କାଳୀମନ୍ଦିର, ଚିଟ୍ଟାଗଙ୍ଗର ଶ୍ରୀକୃଷ୍ଣ ମନ୍ଦିର, କୋମିଲ୍ଲାର ଗୌର ନିତାଇ ମନ୍ଦିର, ଫେନିବାସ୍‌ର ଫାର୍ଷ୍ଣା ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରି ପୋଡାଜଳା କରାଯାଇଛି । ବିକ୍ଷୋଭକୁ ହିନ୍ଦୁ ବିରୋଧୀ ଅଭିଯାନରେ ପରିଣତ କରିଛନ୍ତି ଜମାତେ ଇସଲାମୀ, ହେଫାଜତ-ଇ-ଇସଲାମ, ଜମାତ ଛାତ୍ରଶିବିର ଆଦି ସଂଗଠନ । ୧୪ ଜୁନ୍ ୨୦୧୪ରୁ ଆଜିଯାଏଁ ବଙ୍ଗଳାଦେଶର ସହରଠାରୁ ଗ୍ରାମା ଳ ଯାଏଁ ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଦେଖିବାକୁ ମିଳିଛି । ୫ଅଗଷ୍ଟ ୨୦୨୪ଠାରୁ ଦେଶର ୫୨ଟି ଜିଲ୍ଲାରେ ହିନ୍ଦୁ ବିରୋଧୀ ହିଂସାକାଣ୍ଡ ଘଟିବାରେ ଲାଗିଛି । ୟୁନୁସଙ୍କ ସରକାର ପ୍ରତିଦିନ ଭାରତ ବିରୋଧୀ ବକ୍ତବ୍ୟ ଦେଉଥିଲା ବେଳେ ହିନ୍ଦୁ ଧନଜନଙ୍କ ସୁରକ୍ଷା ସଂକ୍ରାନ୍ତରେ ମୁହଁ ଖୋଲୁନାହାନ୍ତି, ବରଂ କଥା କଥାକେ ଭାରତକୁ ଚ୍ୟାଲେ ଦେବା ପାଇଁ କହୁଛନ୍ତି।

ନିକଟରେ ବଙ୍ଗଳାଦେଶରୁ ପଶ୍ଚିମବଙ୍ଗକୁ ଆସୁଥିବା ହିଲ୍‌ସା ମାଛ ରପ୍ତାନିକୁ ବନ୍ଦ କରାଯାଇଛି। ସୁରକ୍ଷା ପାଇଁ ଭାରତର ରେମଣ୍ଡ ଗ୍ରୁପ ତାର ସମସ୍ତ ଉତ୍ପାଦନକୁ ବଙ୍ଗଳାଦେଶରୁ ଭାରତକୁ ଉଠାଇ ଆଣିବାକୁ ନିଷ ି ନେଇଛି। ତିସ୍ତା ଜଳ ବୁଝାମଣାରେ ଭାରତ ସ୍ୱାକ୍ଷର ନକଲେ ମାମଲାକୁ ଆନ୍ତର୍ଜାତିକ ସ୍ତରକୁ ନେବାକୁ ବଙ୍ଗଳାଦେଶର ଜଳମନ୍ତ୍ରୀ ଧମକ ଦେଇଛନ୍ତି । ଏବେ ବଙ୍ଗଳାଦେଶ ଭାରତକୁ ବ୍ଲାକମେଲ କରିବା ଆରମ୍ଭ କରିଦେଇଛି । ଭାରତ ସରକାର ବ ର୍ମାନର ବଙ୍ଗଳାଦେଶ ସରକାରର ଧୂ ର୍ନୀତି ପ୍ରତି ସତର୍କ ରହିବା ଆବଶ୍ୟକ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




# ଆପଣ କେମିତି ପିତାମାତା ?

ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତାହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେ ମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତାହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା। ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ ସେ ନେଇ ଆଲୋଚନାଟି ରଖୁଛୁ।

ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା ରକି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବା ପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବକି ? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼



ନାରାୟଣ ବିଶ୍ୱାଳ

ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତାଉପରେ କଡ଼ା ନଜର ରଖିବାକୁ ହେବ, ତା ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେ ନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ ?

ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟ ମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେ କରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତା ମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କ ଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି - ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ।

*ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ, କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ। ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡ଼ା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଇରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହଜାର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ। ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ। ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ। ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ। ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା। ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଡିଶ୍ରମିକମାନଙ୍କର ତ୍ରାଣକର୍ତା। ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ। ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି। ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ। ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ। ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ। ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି। ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ। ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




## ଓଡ଼ିଶାରେ ଗାନ୍ଧୀ ସ୍ମୃତି ଓ ଗାନ୍ଧୀ କଥା



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଜି ତିରୋଧାନ ଦିବସ। ବାପୁଜୀ ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକ ପାଳନ କରାଯିବା ସହ ଗାନ୍ଧୀକଥା ଆୟୋଜନ ହେବାକୁ ଯାଉଛି। ମହାତ୍ମାଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଗସ୍ତର ଶତବାର୍ଷିକୀ ପ୍ରତିପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତି ଲାଗି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୂଚନାଯୋଗ୍ୟ ଯେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଗାନ୍ଧୀଜୀ ପ୍ରଥମ ଓଡ଼ିଶା ଗସ୍ତ କରିଥିଲେ। ଏହି ପ୍ରଥମ ଗସ୍ତ ଅବସରରେ ସେ କଟକ, ଭଦ୍ରକ, ସାକ୍ଷୀଗୋପାଳ, ପୁରୀ ଓ ବ୍ରହ୍ମପୁରରେ ଆୟୋଜିତ ଅନେକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ହୋଇଥିଲା ଏବଂ ଏଥିରେ ହଜାର ହଜାର ସଂଖ୍ୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ। ଏହାପରେ ୧୯୪୬ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଗାନ୍ଧୀଜୀ ଆଉ ୭ଥର ଗସ୍ତ କରିଥିଲେ। ସେ ୧୩ଟି ଜିଲ୍ଲା ଗସ୍ତ କରିଥିଲେ ମଧ୍ୟ ବର୍ତ୍ତମାନର ୩୦ଟି ଜିଲ୍ଲାରେ ତାଙ୍କ ଗସ୍ତର ବ୍ୟାପକ ପ୍ରଭାବ ପଡ଼ିଥିଲା। ଫଳରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନ ଆଦିରେ ଲକ୍ଷାଧିକ ଲୋକ ସାମିଲ ହେବା ସହ ଶତାଧିକ ସହିଦ ହୋଇଥିଲେ। ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ କାରା ଓ ନିର୍ଯାତନା ବରଣ କରିଥିଲେ। ଏହାଛଡ଼ା ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଭାବ ଓଡ଼ିଶାରେ ସମାଜସେବା ଓ ସଂସ୍କାର କ୍ଷେତ୍ରରେ ମଧ୍ୟ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ବିଭିନ୍ନ ବିଭାଗ ସହ ଯୋଗସୂତ୍ର ରକ୍ଷା କରି ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ, ସ୍ୱାଭିମାନ ଓ ସ୍ୱଦେଶୀ ଓ ସ୍ୱାବଲମ୍ବନଶୀଳତାର ବାର୍ତ୍ତାର ବ୍ୟାପକ ରୂପାୟନ ଲାଗି ଏହି ବୈଠକରେ ମତପ୍ରକାଶ ପାଇଛି। ପ୍ରାଥମିକରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ଯୁବ ସଙ୍ଗଠନ, କୃଷକ ସଙ୍ଗଠନ, ସ୍ୱେଚ୍ଛାସେବୀ ସଂସ୍ଥା ଓ ଗାନ୍ଧୀପ୍ରେମୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଜଡ଼ିତ କରି କମ୍ ଖର୍ଚ୍ଚରେ କିଭଳି ବ୍ୟାପକ ଗଣଜାଗରଣ ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶା ପ୍ରସଙ୍ଗରେ ଗାନ୍ଧୀଜୀ ଯାହା କରିଛନ୍ତି ଓ କହିଛନ୍ତି ଏବଂ ତାଙ୍କ ସହ ଯେତେ ପତ୍ର ବିନିମୟ ହୋଇଛି ସେ ସବୁକୁ ସଂଗ୍ରହ କରି ତାହାର ଓଡ଼ିଆ ଅନୁବାଦ ପୁସ୍ତକ ପ୍ରକାଶ କରିବା ଲାଗି ମଧ୍ୟ ପ୍ରସ୍ତାବ ଆସିଛି। ଏହାଛଡ଼ା ଗାନ୍ଧୀ, ୧୫୦ କାର୍ଯ୍ୟକ୍ରମରେ ପ୍ରତି ବ୍ଲକରେ ଆଦର୍ଶ ପଞ୍ଚାୟତ ସ୍ଥାପନ କରି ଗ୍ରାମ ସ୍ୱରାଜର ଠିକଣା ପରିପ୍ରକାଶ ଲାଗି ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏହି ସ୍ମରଣୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକ ପାଇଁ ମାର୍ଚ୍ଚ ୨୩ରେ କଟକରେ, ମାର୍ଚ୍ଚ ୨୫ ଭଦ୍ରକରେ, ମାର୍ଚ୍ଚ ୨୭ ସତ୍ୟବାଦୀରେ, ମାର୍ଚ୍ଚ ୨୮ ପୁରୀରେ ଓ ମାର୍ଚ୍ଚ ୩୦ରେ ବ୍ରହ୍ମପୁରରେ ସଭା ପଦଯାତ୍ରାର ଆୟୋଜନ ହେଉଛି। ଆଜିର ସମୟରେ ଗାନ୍ଧିଜୀଙ୍କ ମୂଲ୍ୟବୋଧ ଓ ତାଙ୍କର ଅବଦାନ ପ୍ରତିଟି ଭାରତୀୟଙ୍କ ପାଇଁ ଆଦର୍ଶର ମହାମନ୍ତ୍ର ପାଲଟିଛି। ଆସନ୍ତୁ ଆଜିର ପବିତ୍ର ଦିନରେ ଦେଶ ଓ ସମାଜର ସର୍ବାଙ୍ଗୀନ ଉନ୍ନତି ଓ ସେବା ସହ ମହାତ୍ମା ଗାନ୍ଧୀଙ୍କ ପ୍ରତିଟି ବାଣୀକୁ ନିଜ ଜୀବନରେ ପ୍ରତିଫଳିତ କରିବା ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

## କୁଷ୍ଠରୋଗୀଙ୍କ ସେବା: ଭଗବାନଙ୍କ ସେବା

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିକୁ ମାନସିକ ସ୍ତରରେ ମଜବୁତ କରିବା ସହ ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ସାଧାରଣରେ କୁଷ୍ଠ ରୋଗ ଆଉ ଅଛୁଆଁ ହୋଇ ରହିନାହିଁ। ସାଧାରଣତଃ ଏହା କୁଷ୍ଠ ମାଇକୋବ୍ୟାକ୍ଟେରିଅମ ଲେପ୍ରି ଓ ମାଇକୋବ୍ୟାକ୍ଟେରିଅମ୍ ଲେପ୍ରୋମାଟୋସିସ୍ ନାମକ ଦୁଇ ପ୍ରକାର ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ଆମ ଶରୀର ଏହି କୁଷ୍ଠ ରୋଗ ଜୀବାଣୁକୁ ନଷ୍ଟ କରିଦେଇଥାନ୍ତି। ଏଣୁ ବହୁତ କମ୍ ଲୋକ ଏହି ରୋଗରେ ପଡ଼ିଥାନ୍ତି। ଏହି ରୋଗ ତିନି ପ୍ରକାରର ଦେଖାଯାଇଥାନ୍ତି। ସେଥିଭିତରୁ ଗୋଟିଏ ହେଉଛି ସ୍ନାୟୁ କୁଷ୍ଠ ରୋଗ। ଯାହାକି ପ୍ରଭାବିତ ଅଙ୍ଗଗୁଡ଼ିକର ସମ୍ବେଦନଶୀଳତାକୁ ନଷ୍ଟ କରିଦିଏ। ପ୍ରଭାବିତ ଅଞ୍ଚଳକୁ କାଟିଲେ କିମ୍ବା ଚିମୁଟିଲେ ମଧ୍ୟ ରୋଗୀ କିଛି ଜାଣି ପାରନ୍ତି ନାହିଁ ଅର୍ଥାତ୍ ରୋଗୀ ପ୍ରଭାବିତ ସ୍ଥାନରେ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ। ସେହିପରି ଆଉ ଗୋଟିଏ ହେଉଛି ଗ୍ରନ୍ଥି କୁଷ୍ଠ ରୋଗ, ଏହା ମଣିଷ ଶରୀରରେ ବିଭିନ୍ନ ରଙ୍ଗର ଦାଗ ସହିତ କେତେକ କ୍ଷେତ୍ରରେ ଘା'ମଧ୍ୟ ସୃଷ୍ଟି କରିଥାଏ। ତେବେ ମିଶ୍ରିତ କୁଷ୍ଠ ରୋଗ ହେଉଛି ଏହା ପ୍ରଭାବିତ ସ୍ଥାନରେ ସମ୍ବେଦନଶୀଳତା ନଷ୍ଟ କରିବା ସହ ଦାଗ ମଧ୍ୟ ହୋଇଥାଏ। କୁଷ୍ଠ ରୋଗର ସଂକ୍ରମଣର କାରଣ ଏଯାତ୍ ଜଣାପଡ଼ିନାହିଁ କିନ୍ତୁ ଏହା ଜୀବାଣୁ ଦ୍ୱାରା ହୋଇଥାଏ। ଯେତେବେଳେ କୁଷ୍ଠ ରୋଗର ଜୀବାଣୁ ଶରୀରରେ ପ୍ରବେଶ କରେ ଏହା ମରିଯାଏ। କିନ୍ତୁ ଯେଉଁମାନଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ସେମାନଙ୍କ କ୍ଷେତ୍ରରେ ଏହା ଦେଖାଯାଇନଥାଏ। ସେମାନେ ଏହି ରୋଗରେ ଆକ୍ରାନ୍ତ ହେବାର ବଡ଼ ସମ୍ଭାବନା ଥାଏ। ଏହାଛଡ଼ା ପର୍ଯ୍ୟାପ୍ତ ପରିମାଣର ପୌଷ୍ଟିକ ଆହାର ନମିଳିବା ଏବଂ ଦୀର୍ଘ ସମୟ ଧରି ଦୂଷିତ ଖାଦ୍ୟ ଖାଇବା ଦ୍ୱାରା କୁଷ୍ଠରୋଗ ହେବାର ଆଶଙ୍କା ଥାଏ। କୁଷ୍ଠ ରୋଗର ଲକ୍ଷଣ ହେଉଛି ଏହି ରୋଗ ପ୍ରାରମ୍ଭରେ ଆଦୌ ଲକ୍ଷଣଯୁକ୍ତ ହୁଏ ନାହିଁ। କୁଷ୍ଠରୋଗୀ ମାନଙ୍କୁ ନେଇ ଆମ ମାନଙ୍କ ଭିତରେ ସେପରି ଭ୍ରାନ୍ତ ଧାରଣା ରହିବା କଥା ନୁହେଁ। ଜଣେ ରୋଗୀକୁ ପ୍ରାଥମିକ ଅବସ୍ଥାରେ ଡାକ୍ତରୀ ପରାମର୍ଶ ସହ ପରୀକ୍ଷା ନିରୀକ୍ଷା ଓ ନିୟମିତ ଔଷଧପତ୍ର ସେବନ କରିବା ଉଚିତ। ଏହା ସହ ସ୍ୱାସ୍ଥ୍ୟ ପରିବେଶ ଭିତରେ ନିୟମିତ ଡ୍ରେସିଂ କରିବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ ହେବା ଉଚିତ। ଆଜି କୁଷ୍ଠ ନିରୋଧ ଦିବସ ଅବସରରେ ଆସନ୍ତୁ ଆଜି ଆମେ ସମସ୍ତେ କେବଳ ସରକାର ବା ପ୍ରଶାସନର ଦୋଷ ନଦେଇ ନିଜ ସୀମିତ ସାଧମତେ ଆମ ଆଖପାଖରେ ଥିବା କୁଷ୍ଠ ରୋଗୀଙ୍କ ସେବା କରିବା ଏବଂ ଆଜିର ଦିନ ଜାତିର ଜନକ ବାପୁଜୀଙ୍କ ତିରୋଧାନ ଦିବସ ହୋଇଥିବାରୁ ଓ ବାପୁଜୀ କୁଷ୍ଠରୋଗୀ ମାନଙ୍କ ସେବାକୁ ଅତ୍ୟନ୍ତ ଆନନ୍ଦର ସହିତ ସେବା କାର୍ଯ୍ୟ ବୋଲି ବିଚାର କରିଥିବାରୁ ଆମ୍ଭମାନଙ୍କର ଏହି ଦିବସର ସଂକଳ୍ପ ପୂଜ୍ୟ ବାପୁଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

# ଗାନ୍ଧିଜୀ ଥିଲେ ପ୍ରଥମ ସର୍ବଭାରତୀୟ ନେତା



ସୂର୍ଯ୍ୟାସ୍ତ ବିହୀନ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସତ୍ୟ, ଅହିଂସା, ପ୍ରେମ ଓ ସର୍ବୋଦୟର ମହତ୍ତମ ଭାବନାରୁ ଉତ୍ପନ୍ନ ଅତୁଳନୀୟ ଶକ୍ତିର ପ୍ରୟୋଗ କରି ଭାରତବର୍ଷକୁ ସ୍ୱରାଜ୍ୟ ଆଣି ଦେଇଥିବା ମହାମାନବ ମହାତ୍ମା ଗାନ୍ଧୀଙ୍କ ଚିନ୍ତା-ଚେତନା କେବଳ ଆମ ଦେଶ ନୁହେଁ, ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ତଥା ସମ୍ମାନୀତ ସ୍ଥାନ ଅଧିକାର କରିଛି। ଗାନ୍ଧିଜୀଙ୍କ ଯୋଗୁ ଓଡିଶାର ବିଭିନ୍ନ ପ୍ରସଙ୍ଗ ସର୍ବଭାରତୀୟ ସ୍ତରରେ ଉତ୍ଥାପିତ ହେବା ସମ୍ଭବ ହୋଇପାରିଥିଲା। ସେହି କାରଣରୁ ସେ ଓଡିଶାବାସୀଙ୍କ ହୃଦୟକୁ ବିଜୟକରବା ସହ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। ସେ ଥିଲେ ପ୍ରଥମ ସର୍ବଭାରତୀୟ ନେତା ଯିଏ ଆନ୍ତରିକତାର ସହିତ ଓଡିଶାର ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କ ପ୍ରତି ଦରଦ ପ୍ରକଟ କରିଥିଲେ। ୧୯୧୮ ଓ ୧୯୧୯ ମସିହାରେ ଯଥାକ୍ରମେ ଭୟଙ୍କର ମରୁଡି ଓ ବନ୍ୟା ଓଡିଶାର ଲୋକମାନଙ୍କ ମେରୁଦଣ୍ଡକୁ ଧ୍ୱଂସ କରିଦେଇଥିଲା। ଲୋକମାନଙ୍କ ଦୁରବସ୍ଥାକୁ ପରଖିବା ସହିତ କିଛି କରିବା ଥିଲା ତାଙ୍କର ୧୯୨୧ ମାର୍ଚ୍ଚମାସର ଓଡିଶା ଆଗମନର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଓଡିଶା ଆଗମନ ପୂର୍ବରୁ ଗୁଜୁରାଟ ପତ୍ରିକା 'ନବଜୀବନ'ରେ ସେ ଲେଖିଥିଲେ 'ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବୋଧହୁଏ ଜାଣିନଥିବେ, ଓଡିଶା କେଉଁଠି?' ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ତାଙ୍କର ଏକ କବିତା 'ଉତ୍କଳ' ଆଖ୍ୟାନରେ ଓଡିଶାକୁ ପ୍ରସିଦ୍ଧ କରିଛନ୍ତି। ଦୁର୍ଭିକ୍ଷ ସମୟରେ ପୁରୀ ଜିଲ୍ଲାରେ ଲୋକେ ପୋକ ମାଛି ପରି ମୃତ୍ୟୁମୁଖରେ ପଡିଥିବା ସମ୍ବାଦ ପାଇବା ମାତ୍ରେ ଓଡିଶାକୁ ସାହାଯ୍ୟ ଓ ସହାୟତାର ହସ୍ତ ପ୍ରସାରିତ କରି ନିଜର ଅତ୍ୟନ୍ତ ଅନୁଗତ ସହକର୍ମୀ ଠକ୍କର ବାପାଙ୍କୁ ଗୁଜୁରାଟ ଲୋକଙ୍କଠାରୁ ୫୦,୦୦୦ଅର୍ଥ ସଂଗୃହିତ କରି ପଠାଇଥିଲେ। ଯାହାଥିଲା ସର୍ବ ଭାରତୀୟ ପ୍ରୀତିର ଏକ ବଳିଷ୍ଠ ଉଦାହରଣ। 'ଓଡିଶାର ଦୁର୍ଭିକ୍ଷ ସମୟରେ ଏହି ରାଜ୍ୟର ଦାରିଦ୍ର୍ୟ କେତେ ମୁଁ ତାହା ଅନୁଭବ କରିଥିଲି। ଚମ୍ପାରଣ ଲୋକଙ୍କ ଭଳି ଅଧିକ ଦରିଦ୍ର ଲୋକ ଆଉ କେଉଁଠାରେ ନଥିବେ ବୋଲି ମୋର ଧାରଣା। ମାତ୍ର ଦାରିଦ୍ର୍ୟରେ ଓଡିଶା ଚମ୍ପାରଣ କୁ ବି ଟପିଯାଇଛି। ଏଠାରେ ଯାହା ଘଟିଛି ତାର ଯଦି ସ୍ଥାୟୀ ନିରାକରଣ ନହୁଏ ଏବଂ ଓଡିଶାର ପୀଡିତ ଲୋକେ ଖାଦ୍ୟ ବିନା ଉପବାସରେ ମୃତ୍ୟୁବରଣ କରନ୍ତି, ତେବେ ଆମେ ସ୍ୱରାଜ୍ୟ ପାଇଲୁକି ନାହିଁ ଏଥିରେ ଫରକ କଣ? । ଯଥାର୍ଥ ସ୍ୱରାଜ୍ୟରେ କୌଣସି ଜଣେ ହେଲେ ଲୋକଙ୍କୁ ବିନା ଦୋଷରେ କିମ୍ବା ତାହାର ଇଛା ବିରୁଦ୍ଧରେ ଭୋକିଲା ରହିବାକୁ ଦିଆଯିବ ନାହିଁ'। ବାପୁଙ୍କର ଏହି ଭାବନା ତାଙ୍କୁ ଜଣେ ସର୍ବଭାରତୀୟ ନେତାର ମର୍ଯ୍ୟାଦା ଦେଇଛି। ଉତ୍କଳରେ ବାସକରି ସେଠାକାର ଲୋକମାନଙ୍କର ସେବା କରିବାକୁ ତାଙ୍କ ମନରେ ଥିବା ଆବେଗକୁ ସେ ବାରମ୍ବାର ପ୍ରକାଶ କରିବା ସହ ସେ ସର୍ବକାଳୀନ, ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ସେବକମାନଙ୍କ ଉଦ୍ୟମ ଫଳରେ ଓଡିଶାର ଦୁର୍ଦ୍ଦଶା ହଟାଇବାକୁ ଅହରହ ଉଦ୍ୟମ କରିଥିଲେ। ଜଣେ ସର୍ବଦଳୀୟ ନେତା ଭାବେ ତାଙ୍କ ପରାମର୍ଶ ରେ ତ୍ୟାଗ ତିତିକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ସି.ଏଫ. ଆଣ୍ଡୁଜ୍ କିଛିମାସ ଓଡିଶାରେ ଅବସ୍ଥାନ କରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହିତ ବନ୍ୟା ପ୍ରପିଡିତ ତଥା ଦରିଦ୍ର ଜନସାଧାରଣଙ୍କୁ ସେବା ପ୍ରଦାନ କରିଥିଲେ। ସେହିପରି ଜୀବରାମଜୀ କଲ୍ୟାଣଜୀ କୋଠାରି ନାମକ ଜଣେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶକ୍ରମେ ଏହି କୋଟି କଙ୍କାଳ ମାଟିରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଓଡିଶାର ପ୍ରଳୟଙ୍କରୀ ବନ୍ୟାକୁ ସୁଧାରିବା ପାଇଁ ମହାତ୍ମା ଗାନ୍ଧୀ ବିଶିଷ୍ଟ ଯନ୍ତ୍ରୀ ବିଶ୍ୱେଶ୍ୱର ରାୟଙ୍କୁ ନିମନ୍ତ୍ରଣ କରିଥିଲେ। ଶ୍ରୀଯୁକ୍ତ ରାୟ ଓଡିଶାରେ ବାର ଦିନ ଅବସ୍ଥାନ କରି ବିଭିନ୍ନ ସ୍ଥାନକୁ ବ୍ୟାପକ ଭାବେ ପରିଦର୍ଶନ ଓ ଅନୁସନ୍ଧାନ କରି ତାଙ୍କର ସୁପାରିସ ପ୍ରଦାନ କରିବା ସହ ତାଙ୍କର ପାରିତୋଷିକ ଗ୍ରହଣ କରିନଥିଲେ। ଏପରିକି ନିଜର ଯାତାୟତ ଖର୍ଚ୍ଚ ମଧ୍ୟ ନେଇନଥିଲେ। ସେ ଦିନ ଗାନ୍ଧୀ କହୁଥିଲେ-"Orissa is the poorest province in India and this can be easily removed if every one uses khadi." ମାତ୍ର ଆଜିର ରାଜନେତାମାନେ ଖଦୀ ପିନ୍ଧିବାକୁ ନାକ ଟେକୁଛନ୍ତି। ଆମ ଦେଶର ପ୍ରଧାନମନ୍ତ୍ରୀ ଆଜି ଲକ୍ଷ ଲକ୍ଷ ଟଙ୍କାର ପୋଷାକ ପିନ୍ଧିବା ସହ ଗରୀବଙ୍କ ପ୍ରତି ଏକପ୍ରକାରର ବିଦ୍ରୁପ କରୁଛନ୍ତି। ମାତ୍ର ନିଜର ଗଳାଫଟା ଭାଷଣରେ ଗାନ୍ଧୀଙ୍କ ଗୁଣ ଗାନ କରୁଥିଲେ ମଧ୍ୟ ତାଙ୍କର କାଣିଚାଏ ଗୁଣକୁ ନିଜ ଜୀବନରେ ପ୍ରତିଫଳନ କରିପାରିନାହାଁନ୍ତି। ଗାନ୍ଧୀ ଏକ ଧାରାରେ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ, ମହାନ ସମାଜ ସଂସ୍କାରକ ଏବଂ ଶିକ୍ଷା ସଂସ୍କାରକ। 'ମାଂଚେଷ୍ଟର ଗାଡିଆନ୍' ରେ ରାଜନୀତିଜ୍ଞ ମାନଙ୍କ ମଧ୍ୟରେ ସନ୍ଥ ଓ ସନ୍ଥ ମାନଙ୍କ ମଧ୍ୟରେ ରାଜନୀତିଜ୍ଞ ଭାବେ ଅଭିହିତ ଏହି ମହାମାନବଙ୍କ ସଂପର୍କରେ ଅଧ୍ୟୟନ ପାଇଁ ସର୍ବଭାରତୀୟ ସ୍ତରରେ ଆଠଗୋଟି ଶିକ୍ଷା-ପ୍ରତିଷ୍ଠାନ ସ୍ଥାପିତ ହୋଇଛି। ଏହି ମହା ମନୀଷି ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ରକରି ସମଗ୍ର ବିଶ୍ୱରେ ୩୫,୦୦୦ରୁ ଅଧିକ ଗବେଷଣାତ୍ମକ ପୁସ୍ତକ ରଚିତ ହୋଇଛି, ଯାହା ସୂଚିତ କରେ ଯେ ମହାତ୍ମାଗାନ୍ଧୀ କେବଳ ସମଗ୍ର ବିଶ୍ୱର ସର୍ବାଧିକ ଚର୍ଚ୍ଚିତ ନାମ। ସେ ମଧ୍ୟ ଥିଲେ ଜଣେ ଯଥାର୍ଥ ଶିକ୍ଷକ ଓ ଉତ୍କୃଷ୍ଟ ଶିକ୍ଷାବିତ୍। ତାଙ୍କ ମତରେ କେବଳ ପଠନ, ଲିଖନ ଓ ଗଣିତ ଶିକ୍ଷା ଜ୍ଞାନର ପରିସୀମା ନୁହେଁ। ' ସା ବିଦ୍ୟା ଯା ବିମୁକ୍ତୟେ '। ଏହି ପ୍ରାଚୀନ ଆପ୍ତବାକ୍ୟର ଉଦ୍ଧାର କରି ଗାନ୍ଧିଜୀ ଉଲ୍ଲେଖ କରିଥିଲେ ଯେ ମୁକ୍ତିର ଅର୍ଥ କେବଳ ଆଧାତ୍ମିକ ମୁକ୍ତି ନୁହେଁ କି ବିଦ୍ୟାର ଅର୍ଥ କେବଳ ଅଧାତ୍ମିକ ଜ୍ଞାନ ନୁହେଁ। ମାନବର କଲ୍ୟାଣ ଓ ସେବା ପାଇଁ ଆବଶ୍ୟକ, ମାନବକୁ ସକଳ ପ୍ରକାର ଦାସତ୍ୱରୁ ମୁକ୍ତ କରାଇବା ପାଇଁ ଉପଯୋଗୀ ସମସ୍ତ ଜ୍ଞାନର ଉପାର୍ଜନ ହିଁ ପ୍ରକୃତ ଶିକ୍ଷା। **(ହରିଜନ, ୧୦ ମାର୍ଚ୍ଚ ୧୯୪୬)**। ଆମେରିକା ପରି ଛାତ୍ରମାନେ ଯେପରି ନିଜ ନିଜ ପଢାଖର୍ଚ୍ଚ ନିଜେ ବହନ କରି ନିଜର ବିଦ୍ୟାଧ୍ୟୟନକୁ ଜାରି ରଖିପାରିବେ ସେପରି ସ୍ୱାବଲମ୍ବୀ କରାଇବାର ଶିକ୍ଷା ପ୍ରତ୍ୟେକ ଶିକ୍ଷାୟତନରେ ଜରୁରୀ ବୋଲି ସେ ନିଜର ଦୃଢ ମତ ଦେଇଥିଲେ। ନିଜର ମାତୃଭାଷାକୁ ମର୍ଯ୍ୟାଦା ଦେଇ କହିଥିଲେ-"proper teaching of Mother-tongue is the foundation of all education." ମାତୃଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ସେ ସଦା ସର୍ବଦା କହୁଥିଲେ। ତାଙ୍କର ମହାମନ୍ତ୍ର ସମଗ୍ର ନାରୀ ଜାତିକୁ ତେଜୋଦୀପ୍ତା, ସବଳା ଓ ବହ୍ନିକନ୍ୟାରେ ପରିଣତ କରିଥିଲା। ତାଙ୍କ ମତରେ ନିଶାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରି ପ୍ରତ୍ୟେକ ରାଜ୍ୟ ଯଦି କର୍ମଚଂଚଳ ହୋଇଉଠେ ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଏ, ତେବେ ଅନଗ୍ରସରତା ଓ ଦାରିଦ୍ର୍ୟ ଆପଣାଛାଏଁ ଦୂରେଇଯିବ। ଗାନ୍ଧୀଙ୍କ ବିଚାରଧାରା, ନିତି ଆଦର୍ଶ, ଧାର୍ମିକ ଚିନ୍ତାଧାରା ତାଙ୍କୁ ଜଣେ ସର୍ବ ଭାରତୀୟ ନେତା ଭାବେ ସମଗ୍ର ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛି, ଯାହା ଆମପାଇଁ ଗର୍ବ ଓ ଗୌରବର ବିଷୟ।

## କୋଣାର୍କ ରେ ଶାରଦୀୟ ଦୁର୍ଗା ପୂଜା ଓ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ




କୋଣାର୍କ:(ପିଏନ): ମା ଦୁର୍ଗତୀନାସୀନ 'ମା ଦୁର୍ଗା'ଙ୍କ ଶାରଦୀୟ ଦୁର୍ଗାପୂଜା ଓ ମା' ଲକ୍ଷ୍ମୀ ଙ୍କ ପୂଜା ଆଉ ଅଳ୍ପ ଦିନ କୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ରେ ଚାଲିଥିଲା ବେଳେ ସୋମବାର ଭାଦ୍ରବମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ରେ ଷଠି ଙ୍କ ଓଷା କୁ ନେଇ କୋଣାର୍କ ନରସିଂହଦେବ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗା ଙ୍କ ମୃର୍ଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟ ବିଧି ଅନୁଯାୟୀ ରୀତିନୀତି ଅନୁଯାୟୀ ଅପରାହ୍ନରେ ପୂଜକ ପ୍ରହଲ୍ଲାଦ ଦାସ ଙ୍କ ଦ୍ୱାରା ସମାପନ କରଯାଇଅଛି । ନରସିଂହ ଦେବ ଦୁର୍ଗା ପୂଜା କମିଟି ର ସଭାପତି ସୁଶାନ୍ତ କୁମାର ମହାନ୍ତି,ଉପସଭାପତି ,ପ୍ରମୋଦ ଛୋଟରାୟ ଓ ବରିଷ୍ଠ ଉପଦେଷ୍ଟା ତଥା କର୍ତ୍ତା ରାମକୃଷ୍ଣ ମହାନ୍ତି , ସମ୍ପାଦକ ନଟବର ନାୟକ, ଯୁଗ୍ମ ସମ୍ପାଦକ ସୁବାଷ ବେଉରା ,କୋଷଧକ୍ଷ ବୀରବର ସ୍ୱାଇଁ ଙ୍କ ତତ୍ୱାବଧାନ ରେ ବରିଷ୍ଠ ସଭ୍ୟ ମିଳନ ରାଉତ ,ପୂର୍ବତନ ସଭାପତି ସୁବାସ ବେଉରା, ଅବନୀ ଭୂଷଣ ବାରିକ , ସୁବୋଧ ଖଟୁଆ ,ପ୍ରତାପକୁମାର କାଣ୍ଡି,ଚନ୍ଦ୍ରଶେଖର ନାୟକ, ସ୍ୱାଧୀନ ନାୟକ ,ମହେଶ୍ୱର ଦଳାଇ,ନୃସିଂହ ନାୟକ,ଚିତ୍ରସେନ ପାତ୍ର, ପ୍ରମୋଦ ଛୋଟରାୟ,ସାଇପ୍ରେମ ବିଶ୍ୱାଳ,ତ୍ରିନାଥ ମଲ୍ଲିକ,ଲିଙ୍ଗରାଜ ସେଠି,ବାପିନି ବେଉରା,ଜିତେନ୍ଦ୍ର ବାରିକ,ଯୁଧିଷ୍ଠିର ନାୟକ, ପ୍ରମୁଖ କୋଣାର୍କ ର ଅଧିଷ୍ଠାତ୍ରୀ ମା ଭଗବତୀ ପୀଠ ଅଭିମୁଖେ ଘଣ୍ଟ,ଘଣ୍ଟା,କାହାଳୀ, ମୃଦଙ୍ଗଙ୍ଗ ବଜାଇ ଶୋଭାଯାତ୍ରାରେ ବାହାରି ମା ଭଗବତୀ ଙ୍କ ମନ୍ଦିରରେ ପହଁଚି ପୂଜାଅର୍ଚ୍ଚନା କରି ଆଜ୍ଞା ମାଳ ନେଇ ମାଟି ଅନୁକୂଳ ଅନୁକୂଳ ପାଇଁ ସେଠାରୁ ଚନ୍ଦ୍ରଭାଗ ତୀର୍ଥ ପୁଷ୍କରଣୀ ଅଭିମୁଖେ ଯାତ୍ରା କରି ତୀର୍ଥ ରୁ ମାଟି ଆଣି ମା ଦୁର୍ଗାଙ୍କ ମୃର୍ଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ ।ଅନରୁପ ଭାବେ 'ମା ଲକ୍ଷ୍ମୀ ପୂଜାକମିଟ 'କୋଣାର୍କ ପକ୍ଷରୁ ସଭାପତି-ସୁରେନ୍ଦ୍ର ସାହୁ, ଙ୍କ ନେତୃତ୍ୱ ରେ ରୀତି ନୀତିଅନୁଯାୟୀ ତୀର୍ଥ ରୁ ମାଟି ଅନୁକୂଳ କରି ଆଣି ଚଳିତ ବର୍ଷ ନରସିଂହ ଦେବ ପୂଜା କମିଟି ଓ ମା ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଆଡମ୍ବରରେ ପୂଜାର୍ଚ୍ଚନା ସହିତ ସାଜସଜ୍ଜା ଉଚ୍ଚକୋଟିର ଭାବେ ବାହାର କାରୀଗର ଙ୍କ ମାଧ୍ୟମରେ ସୁସଜ୍ଜିତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ବର୍ଷା ବିପ୍ଳାତ: ସବୁ ପୌରାଂଚ଼ଳକୁ ହାଇଆଲର୍ଟ, ମାଲକାନଗିରି ଗଲେ ଦୁଇ ବରିଷ୍ଠ ଅଫିସର

ଭୁବନେଶ୍ୱର,(ପି.ଏନ): ରାଜ୍ୟର ବିଭିନ୍ନ ଭାଗରେ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ସମସ୍ତ ପୌରାଂଚ଼ଳକୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବର୍ଷା ବିପ୍ଳାତ ପରେ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ଆଜି ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ, ମାଲକାନଗିରି ଜିଲ୍ଲା ନୋଡାଲ ଅଫିସର ତଥା ଭିନ୍ନକ୍ଷମ ସଶକ୍ତିକରଣ ସଚ଼ିବ ବିଷ୍ଣୁପଦ ସେଠୀଙ୍କୁ ମାଲକାନଗିରିରେ ରହି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ସହ ବର୍ଷାଜନିତ କ୍ଷୟକ୍ଷତି ଓ ସ୍ଥିତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ



ଆଲୋଚ଼ନା କରିଥିବା ଜଣାପଡିଛି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଗାମୀ ୨୪ଘଣ୍ଟା ମଧ୍ୟରେ ଗଭୀର ଅବପାତର ରୂପ ନେବାର ଆଶଙ୍କା ଥିବାରୁ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ସମ୍ଭାବ୍ୟ ଲଗାଣ ବର୍ଷା ଯୋଗୁ ସହରାଂଚ଼ଳର ବିଭିନ୍ନ ତଳିଆ ଅଂଚ଼ଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ପୌରାଂଚ଼ଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସମସ୍ତ ମହାନଗର ନିଗମର କମିଶନରଙ୍କ ସମେତ ପୌରା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ହାଇଆଲର୍ଟରେ ରହିବାକୁ କୁହାଯାଇଛି । ତୁରନ୍ତ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯିବା ସହ ଖାଲୁଆ ତଥା ତଳିଆ ଅଂଚ଼ଳଗୁଡିକ ପାଇଁ ପମ୍ପସେଟ୍ ପ୍ରସ୍ତୁତ ରଖିବା, ଜଳବନ୍ଦୀ ଓ ରାସ୍ତା ବିଚ୍ଛିନ୍ନ ହେଲେ ଆବଶ୍ୟକ ପଦକ୍ଷେପ ନେବାକୁ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ ଦେଇଛି ।

## ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତ୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଠିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ । ନିର୍ବାଚନ ପାଇଁ ବିଜ୍ଞପ୍ତି ଆସନ୍ତା ଅକ୍ଟୋବର ୯ତାରିଖରେ ପ୍ରକାଶ ପାଇବାକୁ ଥିବା ବେଳେ ପୋଷ୍ଟାଲ ବାଲଟ୍ ପାଇଁ ଫର୍ମ-୧୨ଘ(୧୨ଡ)କୁ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ) ବା ଅନ୍ୟାନ୍ୟ ଅଧିକାରୀ ୯ତାରିଖରୁ ୧୩ତାରିଖ ମଧ୍ୟରେ ଉପରବର୍ଣ୍ଣିତ ବର୍ଗର ମତଦାତାମାନଙ୍କୁ ବଂଟନ କରିବା ସହ ଦରଖାସ୍ତଗୁଡିକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କୁ ନୋଡାଲ୍ଅଫିସର ଭାବେ ଦାୟିତ୍ୱଦିଆଯାଇଛି । ଏ ସମ୍ପର୍କରେ କୌଣସି ସନ୍ଦେହ ଥିଲେ ତାଙ୍କ ମୋ. ନମ୍ବର-୯୪୩୭୧୭୪୫୧୩ରେ ଯୋଗାଯୋଗ କରିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

## ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀକୁ ମିଳିଲାନି ଚିକିତ୍ସା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବେ ର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସେ ୍ୱ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ତରଫରୁ ଜେଲ ଅନ୍ତେବାସୀଙ୍କୁ ମାସ୍କ ଏବଂ ହ୍ୟାଣ୍ଡ ଫ୍ରି ସାନିଟାଇଜର ପ୍ରଦାନ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା କାରାଗାରରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ଏବଂ କୋଭିଡ-୧୯ ସଂକ୍ରମଣ ରୋକିବା ପାଇଁ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ପକ୍ଷରୁ ମଙ୍ଗଳବାର ଦିନ ୬୦୦ମାସ୍କ,ସାନିଟାଇଜର,୪୦ଟି ହ୍ୟାଣ୍ଡ ଗ୍ଲୋବସ,ହ୍ୟାଣ୍ଡ ଫ୍ରି ସାନିଟାଇଜର,୨୦ଟି ପିପିଇ କିଟ,୬୦୦ ସାବୁନ ଦିଆଯାଇଛି । ଏହି ହ୍ୟାଣ୍ଡ ଫ୍ରି ସାନିଟାଇଜରରେ ହାତ ନଲଗାଇ ପ୍ୟାଡେଲ ମାଧ୍ୟମରେ ଗୋଡରେ ଚାପ ଦେଇ ହାତକୁ ସାନିଟାଇଜ କରାଯାଇପାରିବ । ଜେଲ ଅଧିକ୍ଷକ ଗରିବ ସାହୁ,ଜେଲର ଅମୀୟ ବେହେରା,ଆସିଷ୍ଟା ଜେଲର ମହେଶ୍ୱର କୁଜୁର,କାରା ମଙ୍ଗଳ ଅଧିକାରୀ ପୂଜା ନାୟକ,ୱାର୍ଡର ସ୍ୱାଗତ କୁମାର ରଥଙ୍କ ଉପସ୍ଥିତିରେ ଲୋଡିଂ ଏଜେନ୍ସି ର ସମ୍ପାଦକ ଅଞ୍ଜନ କୁମାର ବେଜ,ପ ାନନ ବାରିକ ଏହି ସାମଗ୍ରୀ ପ୍ରଦାନ କରିଛନ୍ତି । ଲୋଡିଂ ଏଜେନ୍ସି ପକ୍ଷରୁ ଜେଲ ଅନ୍ତେବାସୀଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିବାରୁ ଜେଲ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟ ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ଫୁଲଝରେ,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ୍ୱ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବର୍ଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବର୍ଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଙ୍ଗସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତ୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଙ୍ଗସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୂକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday September 10 2024 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୧୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

## ଡିଲରଙ୍କ ମନମାନି ଯୋଗୁଁ ୮୫ ବର୍ଷର ବୃଦ୍ଧ ରାସନରୁ ବ ିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପ ାୟତର ଏଣ୍ଡର ଗ୍ରାମରେ ଖାଉଟି ଦୋକାନୀଙ୍କ ମନମାନି ଯୋଗୁଁ ଜନୈକ ୮୫ ବର୍ଷର ବୃଦ୍ଧ ରାସନ ପାଇବାରୁ ବ ିତ ହୋଇଥିବା ଅଭିଯୋଗ ହୋଇଛି। ରାସନରୁ ବ ିତ ହୋଇଥିବା ବରିଷ୍ଠ ନାଗରିକ ଜଣକ ହେଉଛନ୍ତି ଏଣ୍ଡର ଗ୍ରାମର ଅରକ୍ଷିତ ମଲିକ। ଗତ ୨୦୨୨ ମସିହାରୁ ଅରକ୍ଷିତଙ୍କୁ ସଂପୃକ୍ତ ଖାଉଟି ଡିଲର ପମୋଦ ମହାପାତ୍ର ରାସନ ପ୍ରଦାନ କରୁ ନଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ପରିବାର ଲୋକଙ୍କ କହିବାନୁଯାୟୀ ଅରକ୍ଷିତଙ୍କୁ ୮୫ ବର୍ଷ ହୋଇ ଯାଇଥିବାରୁ ତାଙ୍କର ଫିଙ୍ଗର ପ୍ରିଣ୍ଟ କାମ କରୁନାହିଁ। କିନ୍ତୁ ଡିଲର ନିଜେ ଆସି ଦେଖନ୍ତୁ ଅରକ୍ଷିତଙ୍କ ସ୍ୱାସ୍ଥ୍ୟବସ୍ଥା। ତାଙ୍କର ନାମ ୱେବ ସାଇଟ୍‌ରେ ରହିଛି। ସେ ଜୀବୀତ ମଧ୍ୟ ଅଛନ୍ତି। ଦୀର୍ଘଦିନ ଧରି ତାଙ୍କୁ ରାସନ ମିଳୁ ନଥିବାରୁ ପରିବାର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏ ନେଇ ପରିବାର ଲୋକେ ସଂପୃକ୍ତ ଡିଲର ପ୍ରମୋଦ ମହାପାତ୍ରଙ୍କୁ ବାରମ୍ବାର ଗୁହାରୀ କଲେଣି। କିନ୍ତୁ ସେ କିଛି ଶୁଣୁ ନାହାଁନ୍ତି। ତାଙ୍କ ନାମରେ ରାସନ ଆସୁଥିଲେ ମଧ୍ୟ ଡିଲର ରାସନ ଦେଉନାହାଁନ୍ତି। ଫଳରେ ଅରକ୍ଷିତଙ୍କ ପରିବାର ରାସନ ପାଇବାରୁ ବ ିତ ହୋଇଛନ୍ତି। ଅରକ୍ଷିତ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାର ପାଇଁ ରାସନର ଆବଶ୍ୟକତା ବେଶ ରହିଛି। କିନ୍ତୁ ଡିଲରଙ୍କ ମନମାନି ଯୋଗୁଁ ଜଣେ ୮୫ ବର୍ଷୀୟ ବୃଦ୍ଧ ରାସନରୁ ବ ିତ ହେଉଥିବା କେତେକ ଗ୍ରାମବାସୀ କହିଛନ୍ତି। କଂସାର ଗ୍ରାମ ପ ାୟତର ପ୍ରାକ୍ତନ ସରପ ପ୍ରଦ୍ୟୁମ୍ନ ଜେନା କହିଛନ୍ତିକ୍ତେ ଯେ ଯଦି ଜଣେ ବୃଦ୍ଧ ବ୍ୟକ୍ତିଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ଫିଙ୍ଗର ପ୍ରିଣ୍ଟ ନେଇ ହେଉନାହିଁ ତେବେ ସେ କ୍ଷେତ୍ରରେ ସଂପୃକ୍ତ ଖାଉଟି ଡିଲର ସଂପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ସ୍ଥିତି ଦେଖି କିପରି ରାସନ ପାଇବେ ତା'ର ବ୍ୟବସ୍ଥା କରିବା ଉଚିତ। କିନ୍ତୁ ଡିଲର ଜଣକ ଆଇନକାନୁନକୁ ଅନୁସରଣ କରୁ ନଥିବାରୁ ୮୫ ବର୍ଷର ଜଣେ ବ୍ୟକ୍ତି ରାସନ ପାଇବାରୁ ବ ିତ ହୋଇଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଡିଲର ପ୍ରମୋଦ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଅରକ୍ଷିତଙ୍କ ଫିଙ୍ଗର ପ୍ରିଣ୍ଟ ଓ ଆଖି ସ୍କାନ ହୋଇ ପାରୁନାହିଁ। ତେଣୁ ସେ ରାସନରୁ ବ ିତ ହୋଇଛନ୍ତି। ଏ ସମ୍ପର୍କରେ ସେ ବ୍ଲକର ବଜାର ନିୟନ୍ତ୍ରକଙ୍କୁ ଜଣାଇଛନ୍ତି। ତାଙ୍କ କାର୍ଡକୁ ତାଙ୍କ ପୁଅର ରାସନ କାର୍ଡ ସହ ସଂଯୋଗ କଲେ ସେ ରାସନ ପାଇପାରିବେ ବୋଲି କହିଛନ୍ତି।

## ଜଗତସିଂହପୁର ଜିଲ୍ଲାରେ ଗଡ଼ିଲା କୌଶଳ ରଥ : ରଥର ଶୁଭାରମ୍ଭ କଲେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ



ପାରାଦ୍ୱୀପ,(ପି.ଏନ): ଛାତ୍ରଛାତ୍ରୀମାନଙ୍କର କୌଶଳ ଭିତ୍ତିକ ଶିକ୍ଷାରେ ଆଗ୍ରହ ବଢାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଶୁଭାରମ୍ଭ କରାଯାଇଥିବା କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ କରୁଛି ।ଅତ୍ୟାଧୁନିକ ଜ୍ଞାନକୌଶଳରେ ଖଚିତ ଏହି କୌଶଳ ରଥ ଚଳିତ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଜଗତସିଂହପୁର ଜିଲ୍ଲାରେ ଗଡ଼ିବ। ଆଜି ଜିଲ୍ଲା ପ୍ରଶାସନ ତଥା ଦକ୍ଷତା ବିକାଶ ଓ ଶ୍ରମ ନିୟୋଜନ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ଆଇଟିଆଇ ମହାବିଦ୍ୟାଳୟ ଠାରେ ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କୌଶଳ ରଥର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଶିକ୍ଷା ର ଗୁଣାତ୍ମକ ବିକାଶ ସହ କୌଶଳ ଭିତ୍ତିକ ପାଠ୍ୟକ୍ରମ ର ବ୍ୟବହାର ବର୍ତ୍ତମାନର ପ୍ରତିଯୋଗିତା ମୂଳକ ସମାଜରେ ଯୁବ ଗୋଷ୍ଠୀ ଙ୍କୁ ନିଯୁକ୍ତି ର ସୁଯୋଗ ଯୋଗାଇବ ବୋଲି ସେ କହଥିଲେ। ଆଗାମୀ ଦିନରେ ଜିଲ୍ଲାରେ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯାଇ ଯୁବକ ଯୁବତୀମାନଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ସହ ଆତ୍ମ ନିର୍ଭର କରିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଉତ୍ସବ ରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା,ପାରାଦ୍ୱୀପ ଆଇଟିଆଇ ଅଧ୍ୟକ୍ଷ,ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ଗତିକୃଷ୍ଣ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ଏହି ରଥ ସରକାରୀ ଆଇ ଟି ଆଇ ରୁ ବାହାରି ପାରାଦ୍ୱୀପ,ଏନ ଏ ସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏନ ଏ ସି ହାଇସ୍କୁଲ ପରେ ପାରାଦ୍ୱୀପ କଲେଜ୍ ଗସ୍ତ କରିବ।

## ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂଜନ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମପ ାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାରମ୍ପରିକ ରୀତିରେ ଗୁରୁପୂଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ୪୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅତ୍ୟନ୍ତ ଭକ୍ତିଭାବର ସହିତ ୩୫ଜଣ ଗୁରୁଜୀ ଓ ଗୁରୁମାଙ୍କ ସମେତ ପରିଚାଳନା ସମିତିର ସଦସ୍ୟମାନଙ୍କୁ ଲେଖନୀ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ମିଠା ଖୁଆଇ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ପରିଚାଳନା ସମିତିର ସଭାପତି ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିଲେ। ସ୍ଥାନୀୟ ପୋଟଳୀ ମଠର ମାତା ଆନନ୍ଦମୟୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ। ବିଶେଷ ଆକର୍ଷଣ ସ୍ୱରୂପ ଏହି ଅବସରରେ ଦୁଇଜଣ ବର୍ଷିଆନ ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ତ୍ରିପାଠୀ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ପାରମ୍ପରିକ ରୀତିରେ ପଦଧୌତ କରି ଶିରୀପା ଏବଂ ଉପଢୌକନରେ ମଣ୍ଡିତ କରି ପୂଜା କରାଯାଇଥିଲା। ସମ୍ପାଦକ ରାଜଗୋପାଳ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁଙ୍କ ସମେତ ପରିଚାଳନା ସମିତିର ଅନ୍ୟ ସଦସ୍ୟମାନେ ଗୁରୁପୂଜାର ମହତ୍ୱ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ନୃତ୍ୟର ତାଳେ ତାଳେ ଗୁରୁ ବନ୍ଦନା ପରିବେଶକୁ ବେଶ ଭାବ ବିହ୍ୱଳ କରିଦେଇଥିଲା।

## ଡିଏଲ୍ଆର ଚାକିରୀକାଳ ସମୟରୁ ଗ୍ରାଚୁଇ୍ୟଟି ଓ ପେନ୍‌ସନ୍ ଦାବି କଲା ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ଓ ରେଗୁଲାର କର୍ମଚାରୀ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ୩୦ ରୁ ୪୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସିଥିବା ୱାର୍କଚାର୍ଜଡ୍ ଓ ରେଗୁଲାର କର୍ମଚାରୀମାନେ ବିନା ପେନ୍‌ସନ୍‌ରେ ଚାକିରୀରୁ ଅବସର ଗ୍ରହଣ କରୁଥିବାରୁ ସେମାନେ ପରିଣତ ବୟସରେ ବ ୍ବା ପାଇଁ ପେନ୍‌ସନ୍ ଦାବି କରିଛନ୍ତି । ସଭାପତି କଲ୍ୟାଣ ମହାରଣା ଓ ସାଧାରଣ ସମ୍ପାଦକ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ତା ୧୨.୦୪.୧୯୯୩ରିଖ ପୂର୍ବରୁ ସମସ୍ତେ ବିଭିନ୍ନ ପଦପଦବୀରେ ଡିଏଲ୍ଆର କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ । ସେମାନଙ୍କୁ ନିୟମିତ ନିଯୁକ୍ତି ଦେବାପାଇଁ ସରକାର ତା ୧୫.୦୫.୧୯୯୭ରିଖରେ ଏକ ରେଜୋଲ୍ୟୁସନ୍ ପ୍ରକାଶ କଲେ । ଉକ୍ତ ରେଜୋଲ୍ୟୁସନ୍ ପ୍ରକାଶ ପାଇବାର ଦୁଇବର୍ଷ ପରେ ସରକାର ଯଥାକ୍ରମେ ୫୦ ଓ ୨୫ ପ୍ରତିଶତ ମୂଳ ପଦବୀ ଉଚ୍ଛେଦ କରିବା ଦ୍ୱାରା ଏମାନେ ନିୟମିତ ଚାକିରୀରେ ନିଯୁକ୍ତି ପାଇପାରିଲେ ନାହିଁ । ପୂର୍ତ୍ତ ବିଭାଗରେ ୧୯୯୩ ରୁ ୧୯୯୯ ମସିହା ଭିତରେ ୩ ହଜାରରୁ ଅଧିକ ମୂଳ ପଦବୀ ଥିଲେ ମଧ୍ୟ ସେମାନଙ୍କୁ ରେଗୁଲାର କରାନଯାଇ ୭୫ ପ୍ରତିଶତ ପଦବୀ ଉଚ୍ଛେଦ କରିବା ଦ୍ୱାରା ୧୯୯୭ ମସିହାର ରେଜୋଲ୍ୟୁସନ୍ ଏମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାର ଏଭଳି ନକରାତ୍ମକ ନିଷ୍ପତ୍ତି ନେବାଦ୍ୱାରା ଓ ଏହି ବର୍ଗର କର୍ମଚାରୀମାନେ ନିୟମିତ ନିଯୁକ୍ତି ନ ପାଇବାରୁ ସେମାନେ ଚାକିରୀରୁ ବିନା ପେନ୍‌ସନ୍‌ରେ ଅବସର ନେବା ସମ୍ଭବ ହୋଇଛି । ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ଦେଢଶହରୁ ଦୁଇଶହ ଜଣ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମୋକଦ୍ଦମା କରି ପେନସନ୍ ପାଇବା ସପକ୍ଷରେ ଆଦେଶ ପାଇସାରିଲେଣି । ଏହି ମୋକଦ୍ଦମା କରିଥିବା କର୍ମଚାରୀଙ୍କ ମଧ୍ୟରୁ ଚାରିଜଣ ପେନ୍‌ସନ୍ ପାଇସାରିଲେଣି। ତେବେ ସରକାର ୪ଜଣଙ୍କୁ ପେନସନ୍ ପ୍ରଦାନ କରି ଅବଶିଷ୍ଟ କେସ୍‌ରେ ଲଢିବା ଏହା ନକରାତ୍ମକ ପଦକ୍ଷେପ ବୋଲି ଅବସରପ୍ରାପ୍ତ କର୍ମଚାରୀମାନେ ସରକାରଙ୍କୁ ସମାଲୋଚନା କରିଛନ୍ତି । ବର୍ତ୍ତମାନର ମୋହନ ସରକାର ଏହା ଉପରେ ଏକ ସକରାତ୍ମକ ପଦକ୍ଷେପ ଗ୍ରହଣ କରି ୩୦ ରୁ ୪୦ ବର୍ଷ ଧରି ସରକାରଙ୍କୁ ସେବା ଦେଇଥିବା କର୍ମଚାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ନିଷ୍ପତ୍ତି ନିଅନ୍ତୁ ବୋଲି ଅବସରପ୍ରାପ୍ତ କର୍ମଚାରୀମାନେ ଅନୁରୋଧ କରିଛନ୍ତି । ପ୍ରକାଶଥାଉକି, ଅବସରପ୍ରାପ୍ତ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ତା ୬.୮.୨୦୨୪ରିଖରେ ଡିଏଲ୍ଆର ଚାକିରୀ ସମୟରୁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ପ୍ରଦାନ ନିମନ୍ତେ ବିଭିନ୍ନ ଉଦାହରଣ ଦେଇ ଅଭିଯୋଗ ପ୍ରକୋଷ୍ଠର ମାନ୍ୟବର ମନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଦାବି ଯୁକ୍ତିଯୁକ୍ତ, ନ୍ୟାୟ ମିଳିବ, ଅନ୍ୟ ବିଭାଗର ଡିଏଲ୍ଆର କର୍ମଚାରୀମାନଙ୍କ ପାଇଁ ଯଦି ତାଙ୍କର ଡିଏଲ୍ଆର ଚାକିରୀ ସମୟରୁ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ନିଷ୍ପତ୍ତି ନେଇ ଜଳସମ୍ପଦ ବିଭାଗ ଚିଠି କରିଛି, ତେବେ ପୂର୍ତ୍ତ ବିଭାଗର ଡିଏଲ୍ଆର କର୍ମଚାରୀ ତାଙ୍କ ଡିଏଲ୍ଆର ଚାକିରୀ ସମୟରୁ ଅବସର ନେବା ପର୍ଯ୍ୟନ୍ତ କାହିଁକି ଗ୍ରାଚ୍ୟୁଇଟି ପାଇବେ ନାହିଁ ବୋଲି ମନ୍ତ୍ରୀ ପାଲଟା ଜବାବ ଦେଇଥିଲେ । ଯଦି ସୁପ୍ରିମକୋର୍ଟ ପେନସନ୍ ଦେବାପାଇଁ ସରକାରଙ୍କୁ ଆଦେଶ ଦେଇଛି, ତେବେ ସମସ୍ତଙ୍କୁ ପେନ୍‌ସନ୍ ଲାଗୁ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଅଭିଯୋଗ ପ୍ରକେଷ୍ଠରେ ଥିବା ମନ୍ତ୍ରୀ ଓ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ତେବେ ସରକାର ଗଠନ କରିଥିବା ପୋର୍ଟାଲ୍ ଜରିଆରେ ନିଷ୍ପତ୍ତି ହେଲେ ତାହା ଠିକ୍ ଭାବରେ ନିଷ୍ପତ୍ତି ହୋଇପାରିବ ନାହିଁ ବୋଲି କର୍ମଚାରୀ ସଂଗଠନ ଅଭିଯୋଗ କରିଛି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଠି ଲେଖିଲେ ଫୁଲବାଣୀର ତରୁଣ ଚିତ୍ରଶିଳ୍ପୀ ପ୍ରସାଦ ସୋନୁଙ୍କୁ

ଫୁଲବାଣୀ,(ପି.ଏନ): ଗତ ସାଧାରଣ ନିର୍ବାଚନ ରେ ନିର୍ବାଚନ ପ୍ରଚାର ଗସ୍ତରେ ମଇ ମାସ ୧୧ ତାରିଖରେ କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀକୁ ପ୍ରଚାରରେ ଆସିଥିବା ବେଳେ,ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ସ୍ୱତନ୍ତ୍ର ଓ ଭିନ୍ନ ଧରଣର ଚିତ୍ର ତିଆରି କରି ଉପହାର ଦେଇଥିଲେ ଫୁଲବାଣୀର ୧୭ ବର୍ଷିୟ ଚିତ୍ରକର ପ୍ରସାଦ ସୋନୁ । ଚିତ୍ରଟିକୁ ସଭା ମଞ୍ଚରୁ ଦେଖିବା ପରେ ନିଜ ସୁରକ୍ଷା କର୍ମୀ ମାନଙ୍କ ଜରିଆରେ ଚିତ୍ରଟିକୁ ଗ୍ରହଣ କରିଥିଲେ ପ୍ରଧାନମନ୍ତ୍ରୀ । ଚିତ୍ରରେ ଅଯୋଧ୍ୟା ଶ୍ରୀ ରାମ ମନ୍ଦିରରେ ଥିବା ଶ୍ରୀ ରାମ ଲାଲାଙ୍କ ମୁର୍ତି ର ଚିତ୍ର ରହିଥିବା ସମେତ ସେଥିରେ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ମୁଖ ରହିଛି । ବିଷୟ ବସ୍ତୁକୁ ଦେଖିବା ପରେ ସଭାସ୍ଥଳରେ ହିଁ ଓଡିଶାର କଳା ଓ କଳାକାରମାନଙ୍କ ପ୍ରସଂସା କରିଥିଲେ ନରେନ୍ଦ୍ର ମୋଦୀ । ଏଥି ସହିତ ସେ ପ୍ରସାଦ ସୋନୁକୁ ଚିଠି ଲେଖିବେ ବୋଲି ମଧ୍ୟ ପ୍ରତିଶୃତି ଦେଇଥିଲେ ।

## ସାଲେପାଲି ଗାଁରେ ନୂଆଁଖାଇ ଦ୍ୱିତୀୟ ଦିନ ଧୁମଧାମରେ ପାଳିତ



ଖପ୍ରାଖୋଲ,(ପିଏନ): ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁରେ ଗଣେଶ ପୂଜା କମିଟି ପକ୍ଷରୁ ନୂଆଖାଇ ପର୍ବ ଦ୍ୱିତୀୟ ଦିନ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି। ଗ୍ରାମ ଛୋଟ ବାଳକ ବାଳିକା ମାଆଙ୍କୁ ନେଇ ହାଣ୍ଡି ପିଟା, ମିଉଜୀକ ଚେୟାର, ବିଭିନ୍ନ ଖେଳ କୁଦ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ଗ୍ରାମର ସହ ସହ ଲୋକ ସାମିଲ ହୋଇ ବେଶ ଆନନ୍ଦ ନେଇ ଥିଲେ। ଗଣେଷ ପୂଜା କମିଟିର ସଭାପତି ସୁଶାନ୍ତ ବରିହା, ସଦାନନ୍ଦ ବାଗ,ନବାନନ୍ଦ ବାଗ,ଶଶୀ ବରିହା, ନିମାଇଁ ଦଣ୍ଡିଆ, ନନ୍ଦଲାଲ ସାହୁ, ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ନୂଆଖାଇ ଦ୍ୱିତୀୟ ଦିନରେ ପାଳନ କରାଯାଏ ବୋଲି ମତ ଦେଇଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray